OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 4 Issue 6 [Nov- Dec] Year 2025*

IJCRM

International Journal of Contemporary Research In Multidisciplinary

*Research Article*

# ଚରିତ ନାଟକର ପରିଭାଷା ଓ ସ୍ୱରୂପ  ବିଚାର

**ଲୋଚନ ଖଣ୍ଡେଇ**

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଏକାମ୍ର ମହାବିଦ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା, ଭାରତ

**Corresponding Author:** *ଲୋଚନ ଖଣ୍ଡେଇ

**DOI:** https://doi.org/10.5281/zenodo.21021601

**ସାରାଂଶ**

ଓଡ଼ିଆ ନାଟ୍ୟ ସାହିତ୍ୟର ଏକ ପ୍ରମୁଖ ଓ ସ୍ୱତନ୍ତ୍ର ବିଭାଗ ହେଉଛି ଚରିତ ନାଟକ। ଏହା ବାସ୍ତବ ମହାପୁରୁଷ ଓ ବିଖ୍ୟାତ ବ୍ୟକ୍ତିତ୍ୱଙ୍କ ଜୀବନ ଆଧାରିତ ହୋଇଥାଏ ଏବଂ ନାଟ୍ୟରୂପରେ ତାଙ୍କର ଆଦର୍ଶ, ସଂଘର୍ଷ, ସାଧନା ଓ ପରିଣତିକୁ ଉପସ୍ଥାପନ କରେ। ଏହି ଆଲୋଚନାରେ ଚରିତ ନାଟକର ପରିଭାଷା ସଂପର୍କରେ ହେମନ୍ତ କୁମାର ଦାସ, ଡ. ଭକ୍ତମଞ୍ଜରୀ ଦାଶ (ମିଶ୍ର) ଓ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ମନ୍ତବ୍ୟର ସମୀକ୍ଷା କରାଯାଇଛି। ଏହାକୁ ଐତିହାସିକ ନାଟକରୁ ପୃଥକ କରି ନାୟକର ବ୍ୟକ୍ତିତ୍ୱ ଐକ୍ୟ (Unity of Hero)କୁ ମୁଖ୍ୟ ଆଧାର ଭାବେ ସ୍ଥାପନ କରାଯାଇଛି। ଚରିତ ନାଟକର ସ୍ୱରୂପ ବିଶ୍ଳେଷଣ କରିବା ସମୟରେ କାହାଣୀ, ଚରିତ୍ର, ସଂଳାପ, ଦ୍ୱନ୍ଦ୍ୱ, ଉତ୍କଣ୍ଠା, ପରିବେଶ ଓ ସଙ୍ଗୀତ ପରି ମୂଳ ଉପାଦାନଗୁଡ଼ିକୁ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହା କେବଳ ମନୋରଞ୍ଜନାତ୍ମକ ନୁହେଁ ବରଂ ଶିକ୍ଷାମୂଳକ, ପ୍ରେରଣାଦାୟୀ ଓ ସମାଜ ଗଠନମୂଳକ ଭୂମିକା ଗ୍ରହଣ କରେ। ପ୍ରାଚୀନ ନାଟ୍ୟଶାସ୍ତ୍ରର ଦୃଷ୍ଟିଭଙ୍ଗୀ ସହ ଆଧୁନିକ ସମାଲୋଚନାର ସମନ୍ୱୟ କରି ଚରିତ ନାଟକର ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରତିପାଦିତ ହୋଇଛି।

**Manuscript Information**

- **ISSN No:** 2583-7397
- **Received:** 14-11-2025
- **Accepted:** 25-12-2025
- **Published:** 30-12-2025
- **IJCRM:**4(6); 2025: 777-785
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଲୋଚନ ଖଣ୍ଡେଇ. ଚରିତ ନଟକାର ପରିଭାଷା ଓ ସ୍ୱରୂପ  ବିଚାର. Int J Contemp Res Multidiscip. 2025;4(6):777-785.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ :** ଚରିତ ନାଟକ, ବାଇଗ୍ରୋଫିକାଲ୍ ପ୍ଲେ, ନାୟକ ଐକ୍ୟ, ଜୀବନୀମୂଳକ ନାଟକ, ଓଡ଼ିଆ ନାଟ୍ୟସାହିତ୍ୟ, କଥାବସ୍ତୁ, ଚରିତ୍ର, ଦ୍ୱନ୍ଦ୍ୱ, ସଙ୍ଗୀତ।



© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ଉପକ୍ରମ**

ନାଟକର ବିଭିନ୍ନ ବିଭାଗ ମଧ୍ୟରୁ ଚରିତନାଟକ ଏକ ପ୍ରଭାବଶାଳୀ ଓ ସ୍ୱତନ୍ତ୍ର ବିଭାଗ ଭାବରେ ପରିଗଣିତ ହୋଇଥାଏ। ଏହା ବାସ୍ତବ ଜୀବନର ପ୍ରତିଫଳନ କରି ମଣିଷର ଅନ୍ତର୍ନିହିତ ସଂଘର୍ଷ, ଆଦର୍ଶ, ସଫଳତା ଓ ବିଫଳତାକୁ ନାଟ୍ୟରୂପରେ ଉପସ୍ଥାପନ କରେ। ବାସ୍ତବ ମଣିଷମାନଙ୍କ ଜୀବନକୁ ଆଧାର କରି ରଚିତ ହେବାରୁ ଚରିତନାଟକ ରୁଦ୍ଧିମନ୍ତ ଓ ପ୍ରାଣବନ୍ତ ହୋଇଥାଏ। ଜୀବନ ହିଁ କଳାର ମୂଳ ଉତ୍ସ ଏବଂ ଜୀବନର ପ୍ରତିଫଳନ ହିଁ ପ୍ରକୃତ ଶିଳ୍ପ। ଜୀବନ ବ୍ୟତିରେକେ କଳାର କୌଣସି ଅଭିବ୍ୟକ୍ତି ସମ୍ଭବ ନୁହେଁ। ତେଣୁ କଳା ମାତ୍ରେ ଜୀବନ ଯାପନର ବିଭିନ୍ନ ଅଭିବ୍ୟକ୍ତିକୁ ବୁଝିବା ଓ ଉପସ୍ଥାପନ କରିବାର ଏକ ମାଧ୍ୟମ ଅଟେ। ମହାପୁରୁଷମାନଙ୍କର ଜୀବନକୁ କେନ୍ଦ୍ର କରି ରଚିତ ନାଟକଗୁଡ଼ିକୁ ଚରିତନାଟକ ପର୍ଯ୍ୟାୟଭୁକ୍ତ କରାଯାଏ। ସାହିତ୍ୟ ଜୀବନର ଦୁର୍ବୋଧ ଓ ରହସ୍ୟପୂର୍ଣ୍ଣ ସମସ୍ୟାଗୁଡ଼ିକର ଉଦ୍‌ଘାଟନ କରିଥାଏ। ଜୀବନ ଯେପରି ପରିବର୍ତ୍ତନଶୀଳ, ସାହିତ୍ୟ ମଧ୍ୟ ସେହିପରି ଗତିଶୀଳ ଓ ପରିବର୍ତ୍ତନଶୀଳ ହୋଇଥାଏ। ପ୍ରାଚୀନ ଓ ମଧ୍ୟଯୁଗୀୟ ପରିବେଶରେ ସମାଜ ଓ ସଂସ୍କୃତିର ଭିତ୍ତିରେ ବ୍ୟକ୍ତି ଚରିତ୍ରର କର୍ମନିଷ୍ଠା ଓ ସମଷ୍ଟିଗତ ସାମାଜିକ ଗୁରୁତ୍ୱକୁ କଳାରୂପ ଦେବାର ପ୍ରଶସ୍ତ ମନୋବୃତ୍ତି ସମ୍ଭବ ନଥିଲା। ବ୍ୟକ୍ତି ସାଧାରଣତଃ ସମାଜର ଅଙ୍ଗ ଭାବରେ ଦେଖାଯାଉଥିଲା ଏବଂ ବ୍ୟକ୍ତିଗତ ଆତ୍ମାନୁଭୂତିର ସ୍ୱାଧୀନ ପ୍ରକାଶ ସୀମିତ ଥିଲା। କିନ୍ତୁ ଆଧୁନିକ ଯୁଗରେ ଜୀବନପରିଧି ଯେତେବେଳେ ମୁକ୍ତ ହେଲା, ସମଗ୍ର ସମାଜ ଚେତନାରେ ବ୍ୟକ୍ତିର ଆତ୍ମାନୁଭୂତି ନିଃସ୍ୱାର୍ଥ ଓ ସମ୍ବେଦନଶୀଳ ହୋଇ ଉଠିଲା ଏବଂ ବ୍ୟକ୍ତିନିଷ୍ଠ ପରିଧିରୁ ମୁକ୍ତ ହୋଇ ବ୍ୟାପକ ଜାତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହେଲା, ସେତେବେଳେ ଚରିତ ସାହିତ୍ୟର ସୃଷ୍ଟି ସମ୍ଭବ ହେଲା। ଚରିତ ସାହିତ୍ୟ ସଂସାରର ନିଦର୍ଶନ ରୂପୀ ମଣିଷର ଜୀବନ ବୃତ୍ତାନ୍ତକୁ ନେଇ ଗଠିତ। ଏହା ବୈଚିତ୍ର୍ୟତା ଓ ନିତ୍ୟନୂତନତା ଦ୍ୱାରା ସାହିତ୍ୟକୁ ଚିର ଯୌବନ ପ୍ରଦାନ କରେ। ଫଳରେ ସାହିତ୍ୟ ପ୍ରତିଟି କାଳରେ ନୂଆ ନୂଆ ରୂପରେ ନିଜକୁ ରୂପାନ୍ତରିତ କରିଥାଏ। ଜୀବନ ଚରିତ୍ର ବଖାଣର ଏକ ନିର୍ଦ୍ଦିଷ୍ଟ ସ୍ୱରୂପକୁ ସ୍ରଷ୍ଟା ପୁରୁଷ ଆପଣାର ନ କରି ବିଭିନ୍ନ ପ୍ରବିଧା ମାଧ୍ୟମରେ ଜୀବନ ବୃତ୍ତାନ୍ତକୁ ଉପସ୍ଥାପନ କରି ନିଜର କୃତିତ୍ୱ ପ୍ରଦର୍ଶନ କରିବା ସହିତ ନିଜର କୌତୂହଳୀ ବିବେକୀ ପଣକୁ ରସାଣିତ କରିପାରିଛନ୍ତି। ଏହି ପ୍ରକ୍ରିୟାରେ ସୃଷ୍ଟି ହୋଇଛି ଚରିତ ନାଟକ ପରି ଏକ ସ୍ୱତନ୍ତ୍ର ସାହିତ୍ୟ ପ୍ରବିଧା।

**ଚରିତ ନାଟକର ପରିଭାଷା :** ନାଟକର ବହୁବିଧ ରୂପମଧ୍ୟରୁ ବାସ୍ତବ ବ୍ୟକ୍ତିତ୍ୱର ଜୀବନ ଆଶ୍ରିତ ଚରିତ ନାଟକ ହେଉଛି ଅନ୍ୟତମ। ବ୍ୟକ୍ତି ଜୀବନର ରସଘନ ଘଟଣାବଳୀଗୁଡ଼ିକ ହିଁ ଦୃଶ୍ୟ ଶ୍ରାବ୍ୟ କାବ୍ୟରେ ବର୍ଣ୍ଣିତ ହୁଏ। ଆଚାର୍ଯ୍ୟ ଭରତଙ୍କ ଦୃଷ୍ଟିରେ ଯାହା 'ଲୋକ ବୃତ୍ତାନୁ କରଣମ୍ ଆରିଷ୍ଟୋଟଲଙ୍କ ନିକଟରେ ତାହା ଜୀବନର ଅନୁକରଣ (imitation of life )। ଚରିତ ନାଟକର ମୂଳଧର୍ମ ହିଁ ହେଉଛି ମହାଜନଙ୍କ ଜୀବନର ମାନଚିତ୍ର ଅଙ୍କନ କରି ଦର୍ଶକଙ୍କ ସେହି ପଥ ଅନୁସରଣ କରିବାର ପ୍ରେରଣା ଯୋଗାଇବା। ତେବେ ନାଟକର କାହାଣୀରେ ମହାନ ମଣିଷଙ୍କ ଜୀବନଚର୍ଯ୍ୟା ଦେଖାଇବା ପରମ୍ପରା ନାଟକର ସୃଷ୍ଟିପର୍ବରୁ ଜଡିତ। ନାଟ୍ୟଶାସ୍ତ୍ରର ପ୍ରଣେତା ନାଟକର କଥାବସ୍ତୁ ସଂପର୍କରେ ଲେଖିଛନ୍ତି ଯେ ଦେବତା, ମନୁଷ୍ୟ, ରାଜା ଏବଂ ମହାତ୍ମାଙ୍କ ପୂର୍ବବୃତ୍ତିର ଅନୁକୃତିକୁ ନାଟକ କୁହନ୍ତି। **"ଦେବତାନାଂ ମନୁଷ୍ୟଣାଂ ରାଜ୍ଞାଂ ଲୋକମହାତ୍ମନମ୍ । ପୂର୍ବବୃତ୍ତାନୁଚରିତଂ ନାଟକଂ ନାମ ତଭଦ।"** ତେବେ ବଡଲୋକଙ୍କ ବଡ଼ଜୀବନ କାହାଣୀକୁ ନେଇ ପରିକଳ୍ପିତ ଚରିତନାଟକ ସଂପର୍କରେ ରହିଥିବା ମନ୍ତବ୍ୟ ଗୁଡ଼ିକର ବିଚାର କରାଯାଇପାରେ।

ଓଡ଼ିଆ ନାଟକର ପୂର୍ଣ୍ଣାଙ୍ଗ ଆଲୋଚନା କରିଥିବା ସମାଲୋଚକ ହେଉଛନ୍ତି ନାଟ୍ୟକାର ତଥା ସମାଲୋଚକ ହେମନ୍ତ କୁମାର ଦାସ। ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ, ଓଡ଼ିଆ ନାଟକର ବିକାଶଧାରା, ଓଡ଼ିଆ ନାଟ୍ୟଧାର, ସାହିତ୍ୟର ବର୍ଣ୍ଣବୋଧ ଓ ଅନ୍ୟାନ୍ୟ ଏକକ ନାଟକର ଆଲୋଚନା ସମୟରେ ସେ ଚରିତ ନାଟକ ସଂପର୍କରେ ନିଜସ୍ୱ ମନ୍ତବ୍ୟ ସବୁ ରଖିଛନ୍ତି। ସେଥିମଧ୍ୟରୁ ଚରିତ ନାଟକ ସମ୍ବନ୍ଧୀୟ ୨ଟି ଉଲ୍ଲେଖନୀୟ ମତକୁ ଉଦ୍ଧାର କରାଯାଉ – (୧) କୌଣସି ସ୍ମରଣୀୟ, ଲୋକପ୍ରିୟ ଐତିହାସିକ ବ୍ୟକ୍ତିଙ୍କର ଜୀବନ କାହାଣୀକୁ ନେଇ ରଚିତ ହୋଇଥିବା ନାଟକ ଏହି (ଚରିତ ନାଟକ) ଶ୍ରେଣୀର। ଇଂରାଜୀରେ ଏହାକୁ ବାଇଗ୍ରୋଫିକାଲ୍ ପ୍ଲେ (Biographical Play) ବୋଲି କୁହାଯାଇଥାଏ। ଗୋଟିଏ ଦୃଷ୍ଟିରୁ ଏହା ଐତିହାସିକ ନାଟକର ଏକ ବିଭାଗ ବୋଲି ମଧ୍ୟ କୁହାଯାଇପାରେ। ଇତିହାସର ବ୍ୟକ୍ତି ଇତିହାସର ଏକ ସ୍ମରଣୀୟ ଚରିତ୍ର। ତାଙ୍କ ଜୀବନ ମଧ୍ୟ ବହୁ କ୍ଷେତ୍ରରେ କାମନା ବାସନା ବିକ୍ଷୁବ୍ଧ ସାଧାରଣ ମଣିଷ ଜୀବନଠାରୁ ଖୁବ୍ ଦୂରବର୍ତ୍ତୀ ହୁଏ ନାହିଁ । ତହିଁରେ ଆଦର୍ଶ ଥାଏ, ଅନନ୍ୟତା ହୁଏ ତ ଥାଏ, ମାତ୍ର ନାଟକୀୟତା ନଥାଇପାରେ। ଏଥିପାଇଁ ନାଟ୍ୟକାରଙ୍କୁ କଳ୍ପନାର ଆଶ୍ରୟ ନେବାକୁ ପଡିପାରେ।"[୧] (୨) ଯେଉଁଠାରେ ବହୁ ବ୍ୟକ୍ତିତ୍ୱ ଯୁକ୍ତ ବ୍ୟକ୍ତି ବିଶେଷକୁ ଉପସ୍ଥାପିତ କରାଯାଇଥାଏ, ବ୍ୟକ୍ତିର ଜୀବନକୁ ବା ସ୍ୱରୂପକୁ ଭିନ୍ନମୁଖୀ କାର୍ଯ୍ୟ ମଧ୍ୟ ଦେଇ ପାରସ୍ପରିକ ଅନ୍ୱୟହୀନ ଘଟଣା ପରମ୍ପରାର ସାହାଯ୍ୟରେ ବ୍ୟକ୍ତ କରାଯାଇଥାଏ ତାହା ହିଁ ଚରିତ କାବ୍ୟ। ଏଥିରେ ଯେଉଁ ଐକ୍ୟଥାଏ, ତାହା କାର୍ଯ୍ୟ ଐକ୍ୟ ନୁହେଁ , ନାୟକ ଐକ୍ୟ (Unity of hero) ଭାବ ବା ରସର ଆସ୍ୱାଦନ ଏଠାରେ ମୁଖ୍ୟ କାମ୍ୟ ନୁହେଁ - ମୁଖ୍ୟ କାମ୍ୟ ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱର ସ୍ୱରୂପ ବା ଜୀବନ ସାଧନା ଓ ପରିଣତି।"[୨]

ଓଡ଼ିଆ ଚରିତ ନାଟକକୁ ନେଇ ବିଧିବଦ୍ଧ ଭାବରେ ଗବେଷଣା କରିଥିବା ଗବେଷିକା ଡ଼.ଭକ୍ତମଞ୍ଜରୀ ଦାଶ (ମିଶ୍ର) ଚରିତନାଟକର ପରିଭାଷା ନିର୍ଣ୍ଣୟ ଦିଗରେ କିଛିଟା ଆଲୋକପାତ କରିଛନ୍ତି। ତାଙ୍କ ଦ୍ୱାରା ରଚିତ ପୁସ୍ତକ ହିଁ ଏକମାତ୍ର ପୁସ୍ତକ ଯାହା କି ଚରିତ ନାଟକର ବିସ୍ତୃତ ଆଲୋଚନାରେ ସମୃଦ୍ଧ। ଗବେଷିକା ଚରିତନାଟକର ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ କୁହନ୍ତି - ୧-ସମାଜ ଗଠନ, ସାଂସ୍କୃତିକ ବିକାଶ ଏବଂ ବ୍ୟକ୍ତିମାନସର ସମୃଦ୍ଧିରେ ଚରିତ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୃଶ୍ୟ ଓ ଶ୍ରାବ୍ୟ ଯୋଗ୍ୟତା ହେତୁ ସାଧାରଣ ନାଟକ ପରି ଚରିତ ନାଟକ ମଧ୍ୟ ପ୍ରତକ୍ଷ୍ୟ ଓ ପ୍ରଭାବଶାଳୀ ହୋଇଥାଏ। ବାସ୍ତବ ଚରିତ୍ର ଭିତ୍ତିକ ହୋଇଥିବାରୁ ଏପରି ନାଟକ ସାମାଜିକର ହୃଦୟକୁ ଅଧିକ ଆଲୋଡିତ କରିପାରେ। ଦର୍ଶକ ବା ପାଠକ ମାନସିକ ସ୍ତରରେ ଚରିତ ନାୟକର ଜୀବନାଦର୍ଶ ପ୍ରତି ସଚେତନ ଥିବା ହେତୁ ଏପରି ନାଟକ ଅଧିକ ସମ୍ବେଦନଶୀଳ ଓ ହୃଦୟଗ୍ରାହୀ ହୋଇପାରିଥାଏ। XXXX ସାହିତ୍ୟିକ, ଦାର୍ଶନିକ, ସମାଜ ସଂସ୍କାରକ, ରାଜନୀତିଜ୍ଞ, ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଏବଂ ମାନବଚେତନାର ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ଦେଇଥିବା ମନୀଷୀମାନଙ୍କ ଜୀବନ ପ୍ରବାହକୁ ନେଇ ଆଜିର ଚରିତ ନାଟକମାନ ରଚନା କରାଯାଉଛି। ଅଭିନବଶୈଳୀ, କଳା କୌଶଳ, ଚିନ୍ତାଚେତନା ମଧ୍ୟ ଦେଇ ଯୁଗସମସ୍ୟା ଭିତ୍ତିକ ଚରିତ ନାଟକ ରଚନା କରାଯାଉଛି। ଯୁଗୀୟ ସମସ୍ୟା ସମାଧାନରେ ଚରିତନାୟକଙ୍କ ଆଭିମୁଖ୍ୟକୁ ବଳିଷ୍ଠ ମାଧ୍ୟମ ଭାବରେ ଗ୍ରହଣ କରାଯାଉଛି। ସଂପ୍ରତି ଯୁଗୋପଯୋଗୀ ଚରିତ ନାଟକମାନ ରଚନା କରାଯାଇ ଦର୍ଶକ ମନକୁ ଆକୃଷ୍ଟ କରିବା ସହିତ ଦେଶ, ସମାଜ ଓ ଚରିତ୍ର ଗଠନ ପ୍ରତି ଗୁରୁତ୍ୱ ଦିଆଯାଉଛି।"[୩] ୨-ଅନ୍ୟ ସମସ୍ତ ସାହିତ୍ୟ କୃତି ଅପେକ୍ଷା ଜୀବନକୁ ସମ୍ମୁଖିନ ହେବାପାଇଁ ନାଟକ ହିଁ ଅଧିକ ସାହାସ ଓ ପ୍ରେରଣା ଯୋଗାଇଥାଏ। ସମାଜରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାକୁ ନାଟକରେ ପ୍ରତିଫଳିତ କରାଇ ନାଟ୍ୟକାରମାନେ ହିଁ ପଙ୍ଗୁ ସମାଜକୁ ଗତିଶୀଳ କରାଇଥାନ୍ତି ଏବଂ ସମାଧାନର ପନ୍ଥା ନିର୍ଣ୍ଣୟରେ ସହାୟକ ହୋଇଥାନ୍ତି। ସାଧାରଣ ନାଟକ ଅପେକ୍ଷା ଏ କ୍ଷେତ୍ରରେ ଚରିତ ନାଟକର ଭୂମିକା ଅଧିକ ପ୍ରଭାବଶାଳୀ। କାରଣ ଚରିତନାୟକଙ୍କ ଚାରିତ୍ରିକ ମହତ୍ତ୍ୱ। ଭିତର ଦେଇ ନାଟ୍ୟକାର ତତ୍କାଳୀନ ସମୟର ସମସ୍ୟାଗୁଡ଼ିକୁ ଦର୍ଶକ ନିକଟରେ ଉପସ୍ଥାପିତ କରି ତା'ର ନିରାକରଣ କରିବା ସହିତ ନୀତିଶୀଳ ସମାଜ ଗଠନ, ଶୃଙ୍ଖଳିତ ଜୀବନଧାରା ଏବଂ ଆଦର୍ଶ ଚିରିତ୍ରଗଠନର ପଥ ନିର୍ଣ୍ଣୟ କରିଥାନ୍ତି।"[୪]


© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମଣିଷର ଅର୍ଥ ହିଁ ଶୃଙ୍ଖଳା। ସେହି ଶୃଙ୍ଖଳା ହିଁ ମଣିଷକୁ ଶ୍ରେଷ୍ଠତମ ଜୀବ ରୂପରେ ପରିଗଣିତ କରିଛି। ଶୃଙ୍ଖଳାବିହୀନ ଜୀବନ ମଣିଷ ତଥା ସମାଜ ଉଭୟଙ୍କ ପାଇଁ ବିପଦଜନକ। କିନ୍ତୁ ମଣିଷ ମାତ୍ରକେ ଭୁଲ୍ କରେ। ସେତେବେଳେ ଲୋଡ଼ାପଡ଼େ ଶୃଙ୍ଖଳିତ ଜୀବନ ଜୀଇଁବାର ତଥା ଆଦର୍ଶ ଜୀବନର ପ୍ରେରଣା। ସେହି ପ୍ରେରଣାରୁ ସୃଷ୍ଟିହୁଏ ଚରିତନାଟକ ପରି ସାହିତ୍ୟ। "ମହାପୁରୁଷମାନଙ୍କ ପବିତ୍ର ଜୀବନଗାଥା ଅବଲମ୍ବନରେ ରଚିତ ହେଉଥିବା ନାଟକ ଚରିତ ନାଟକ ଶ୍ରେଣୀର। ଏମାନଙ୍କ ଜୀବନର ପ୍ରଭାବଶାଳୀ ଆଦର୍ଶମୟ ବୈଚିତ୍ର୍ୟପୂର୍ଣ୍ଣ ଅଂଶଗୁଡ଼ିକ ନାଟକର ଅବଲମ୍ବନ। ସାଧାରଣ ମଣିଷ ନିଜ ଜୀବରେ ଆଦର୍ଶ ବା ପ୍ରେରଣାର ଅଭାବ ପୂରଣ କରିବା ନିମନ୍ତେ ମହାପୁରୁଷଙ୍କ ଜୀବନୀଆଡ଼କୁ ହାତ ବଢ଼ାଇଥାଏ। ସାଧାରଣତଃ କେତେକ ବାସ୍ତବ ବା ସତ୍ୟ ଆଦର୍ଶମୟ ଚରିତ୍ର ଅଥବା ସେମାନଙ୍କ ଜୀବନର କେତେକ ବିଶିଷ୍ଟ ଘଟଣାବଳୀକୁ ଉପଜୀବ୍ୟ କରି ରଚିତ ହୋଇଥିବା ନାଟକକୁ ଚରିତ ନାଟକ କୁହାଯାଏ"। [୪]

ବିଶିଷ୍ଟ ନାଟ୍ୟକାର ତଥା ନାଟକ ସମାଲୋଚକ ନୀଳାଦ୍ରୀଭୂଷଣ ହରିଚନ୍ଦନ ଚରିତ ନାଟକ ସଂପର୍କରେ ଭିନ୍ନମତ ପୋଷଣ କରନ୍ତି। ସେ କୁହନ୍ତି - "ଅତୀତରେ ଚରିତ ନାଟକଗୁଡ଼ିକ ଐତିହାସିକ ନାଟକର ପର୍ଯ୍ୟାୟଭୁକ୍ତ ହୋଇପାରୁ ନଥିଲା। ଇତିହାସ ନାଟକୋଚିତ ନାଟ୍ୟିକ ଆଲୋଡ଼ନ ଅଭାବରୁ ଏଗୁଡ଼ିକ ଏକ ସ୍ୱତନ୍ତ୍ର ଶ୍ରେଣୀର ନାଟକ ଭାବେ ବିବେଚିତ ହେଉଥିଲା। ଏଥିରେ ଇତିହାସ ତଥ୍ୟ ଅପେକ୍ଷା କିମ୍ବଦନ୍ତୀର ପ୍ରାବଲ୍ୟ ବହୁତ ବେଶୀ। ମୁଖ୍ୟ ଚରିତ୍ରର କୌଣସି ଏକ ବିଶେଷ ଜୀବନଚିତ୍ର ପ୍ରଦାନ କରା ନଯାଇ ମହିମାଗାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। କିନ୍ତୁ ଚରିତନାଟକକୁ ସ୍ୱତନ୍ତ୍ର ଏକ ବିଭାଗରେ ସ୍ଥାନ ଦେବାର କୌଣସି କାରଣ ନାହିଁ। ସାଧାରଣତଃ ଯେଉଁ ନାଟକଗୁଡ଼ିକ କୌଣସି ଏକ ବିଶିଷ୍ଟ ଐତିହାସିକ ଘଟଣାକୁ ଉପଜୀବ୍ୟ କରି ଲିଖିତ ହୋଇଥାଏ, ସେଗୁଡ଼ିକ ଦ୍ୱନ୍ଦ୍ୱ, ଉତ୍କଣ୍ଠା ଓ ନାଟକୀୟ ଗତିବେଗ ଯୋଗୁଁ ଐତିହାସିକ ନାଟକର ସମ୍ମାନ ଲାଭ କରିଥାଏ। କିନ୍ତୁ ଚରିତ ନାଟକ ଗୁଡ଼ିକରେ ଦ୍ୱନ୍ଦ୍ୱ, ଉତ୍କଣ୍ଠା ଏବଂ ଘଟଣାର ଆକସ୍ମିକ ସଂସ୍ଥାପନ ଇତ୍ୟାଦିର ସୁଯୋଗ ବିଶେଷ ନଥିବାରୁ ତାହା ଉପୋରକ୍ତ ନାଟକ ପରି ଦର୍ଶକମାନଙ୍କର ରସ ତୃଷ୍ଣା ପରିତୃପ୍ତ କରିବାକୁ ବିଶେଷ ସମର୍ଥ ହୁଏ ନାହିଁ। ତଥାପି ଏହାର କଥାବସ୍ତୁ ଯେହେତୁ ଏକ ଐତିହାସିକ ସତ୍ୟ ଉପରେ ପ୍ରତିଷ୍ଠିତ, ଏହାକୁ ଐତିହାସିକ ନାଟକ କହିବାରେ କୌଣସି ଅଯୌକ୍ତିକତା ନାହିଁ। ବର୍ତ୍ତମାନ ବିନା ଦ୍ୱିଧାରେ ଚରିତ ନାଟକ ଗୁଡ଼ିକୁ ସମସ୍ତ ସମାଲୋଚକ ଐତିହାସିକ ନାଟକ ଭାବରେ ଗ୍ରହଣ କରି ନେଇଛନ୍ତି।[୬] ଅର୍ଥାତ୍, ନାଟ୍ୟକାର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ମତରେ ଚରିତନାଟକ ଏକ ସ୍ୱୟଂ ସଂପୂର୍ଣ୍ଣ ବିଭାଗ ନକହି ଐତିହାସିକ ଉପନ୍ୟାସର ପର୍ଯ୍ୟାୟଭୁକ୍ତ କରାଯାଇ ପାରିବ। କିନ୍ତୁ ଶ୍ରୀଯୁକ୍ତ ହରିଚନ୍ଦନଙ୍କ ମତ ସହ ଏକମତ ହୋଇପାରୁ ନାହୁଁ। କାରଣ ଐତିହାସିକ ନାଟକରେ ଘଟଣାର ଐକ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଚରିତ ନାଟକରେ ନାୟକର ବ୍ୟକ୍ତିତ୍ୱର ଐକ୍ୟ ରହିବା ଆବଶ୍ୟକ ହୋଇଥାଏ। ହଁ ଏହି କଥାକୁ ଅସ୍ୱୀକାର କରାଯାଇ ନପାରେ ଯେ ଚରିତ ନାଟକରେ ଐତିହାସିକ ନାଟକର ପ୍ରଭାବ ରହିଛି। ପ୍ରଭାବ କାହିଁକି ଏ ଉଭୟ ତ ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। କିନ୍ତୁ ଐତିହାସିକ ନାଟକର ନାଟ୍ୟକାର ଇତିହାସର ବିଭିନ୍ନ ଘଟଣାକୁ ଯୋଡ଼ି କାହାଣୀ ନିର୍ମାଣ କରୁଥିବା ସମୟରେ ଚରିତ ନାଟ୍ୟକାର ବହୁଧା ବ୍ୟକ୍ତିତ୍ୱର ଅଧିକାରୀ ଏକ ଚରିତ୍ରର ଐକ୍ୟକୁ ଗୁରୁତ୍ୱାରୋପ କରିଥାଏ। ପୁଣି ଚରିତ ସାହିତ୍ୟ, ଚରିତ ଉପନ୍ୟାସ, ଚରିତ କବିତା ଆଦି ସାହିତ୍ୟିକ ବିଭାବ ଯେତେବେଳେ ସ୍ୱତନ୍ତ୍ର ମର୍ଯ୍ୟାଦା ପାଇସାରି ସମୃଦ୍ଧିପଥରେ ଆଗେଇ ସାରିଲେଣି ଚରିତ ନାଟକକୁ ଏକ ସ୍ୱତନ୍ତ୍ର ବିଭାଗ କହିବାକୁ କୁଣ୍ଠା ପ୍ରକାଶ କରିବା ଯୁକ୍ତିଯୁକ୍ତ ମନେହୁଏନା।

**ଚରିତ ନାଟକର ସ୍ୱରୂପ :**

**୧-କାହାଣୀ (Plot) :** ଘଟଣାର ମଞ୍ଚାୟନ ହିଁ ନାଟକ। ଏ ଯେଉଁ ଘଟଣାଟି ନାଟକରେ ପରିବେଷିତ ହୁଏ ତାକୁ କାହାଣୀ, କଥାବସ୍ତୁ କୁହାଯାଏ। ସେହି କଥାବସ୍ତୁ ପୌରାଣିକ, ଐତିହାସିକ, ସାମାଜିକ ବା ରାଜନୈତିକ ହୋଇପାରେ କିନ୍ତୁ ଏହା ବ୍ୟକ୍ତି ଜୀବନର ତଥା ମାନବୀୟ ଘଟଣାକୁ ନେଇ ରଚିତ ହୋଇଥିବା ଆବଶ୍ୟକ। ନାଟକ ; ସଂସାର ପାଇଁ, ସଂସାରକୁ,ସଂସାରଦ୍ୱାରା ଅନୁକରଣ କରାଏ। ତେଣୁ ନାଟକ ରଚନାର ଏକ ଅପରିହାର୍ଯ୍ୟ ଉପାଦାନ ହେଉଛି କଥାବସ୍ତୁ। ନାଟକର କାହାଣୀ ବିଭାଗ ସୁଦୃଢ଼ ହେଲେ ନାଟକ ସଫଳତା ପାଏ। କାହାଣୀର ସଫଳ ରୂପାୟନ ନାଟ୍ୟକାରର ପାରଦର୍ଶିତା ଉପରେ ନିର୍ଭରଶୀଳ। ନାଟକର ସଂସାର ଚରିତ୍ର ଓ ଘଟଣାକୁ ନେଇ ରଚିତ ହୋଇଥାଏ । ତେଣୁ ଭରତମୁନି ଏହାକୁ 'ଅନୁକୃତି' ବୋଲି କହିଛନ୍ତି। "କଥାବସ୍ତୁ ହେଉଛି ନାଟକର ଆତ୍ମା। ଇଂରାଜୀରେ ଏହାକୁ 'ପ୍ଲଟ୍' କହନ୍ତି। ସାମାଜିକ, ଐତିହାସିକ, ପୌରାଣିକ କିମ୍ବା କାଳ୍ପନିକ ଯେକୌଣସି ସ୍ତରରୁ ନାଟକର କଥାବସ୍ତୁ ସଂଗ୍ରହ କରାଯାଇପାରେ। କିନ୍ତୁ ଏ କାହାଣୀର ନିଶ୍ଚିତ ଭାବରେ ଆରମ୍ଭ ବିକାଶ ଏବଂ ପରିଣତି ରହିବ। ଖାଲି ସେତିକି ନୁହେଁ, ଏ କାହାଣୀ ମଧ୍ୟ କ୍ଷେତ୍ର ବିଶେଷରେ ଘଟଣା ପ୍ରଧାନ, ଚରିତ୍ର ପ୍ରଧାନ ଭାବ ବା ତତ୍ତ୍ୱ ପ୍ରଧାନ ହୋଇପାରେ"। [୭]

ନାଟକର ସଫଳତାରେ କଥାବସ୍ତୁ ବିଶେଷ ଭୂମିକା ନିର୍ବାହ କରିଥାଏ । ନାଟ୍ୟକାର ନାଟକ ରଚନା କରିବାକୁ ଯାଇ ବିଭିନ୍ନ ଘଟଣାର କଳାତ୍ମକ ଗୁମ୍ଫନ ସାହାଯ୍ୟରେ ଗୋଟିଏ କାହାଣୀ ପ୍ରସ୍ତୁତ କରେ। ନାଟକୀୟ ଘଟଣାରେ ବିଚ୍ଛିନ୍ନ ନାଟ୍ୟ ଉପାଦାନର ସମୀକରଣ ସବୁଠାରୁ ଅଧିକ ପ୍ରୟୋଜନ। "ଏହାକୁ ପାରିଭାଷିକ ଶବ୍ଦରେ କଥାବସ୍ତୁ ବା ପ୍ଲଟ (Plot) କୁହାଯାଏ। ନାଟକ ପାଇଁ କିପରି କାହାଣୀଟିଏ ବଛାଯିବ ତାହା ପ୍ରଥମ ବିଚାର୍ଯ୍ୟ ବିଷୟ। କାହାଣୀଟି ଦର୍ଶକମାନଙ୍କ ମନରେ ଆଲୋଡ଼ନ ସୃଷ୍ଟି କରି ପାରୁଥିବା ଉଚିତ। ତାହା ପୌରାଣିକ, ଐତିହାସିକ ବା ସାମାଜିକ ହୋଇପାରେ କିନ୍ତୁ ଏହା ବ୍ୟକ୍ତି ଜୀବନର ନିକଟତମ ତଥା ମାନବୀୟ ଘଟଣାକୁ ନେଇ ରଚିତ ହୋଇଥିବା ଆବଶ୍ୟକ। ସଂସାରର ଚରିତ୍ର ଓ ଘଟଣାକୁ ନେଇ ରଚିତ ହୋଇଥାଏ। ତେଣୁ 'ନାଟ୍ୟଶାସ୍ତ୍ର' ପ୍ରଣେତା ଭରତ ମୁନି ଏହାକୁ 'ଅନୁକୃତିକରଣ' ବୋଲି କହିଛନ୍ତି। ସେକ୍ସପିୟର୍ କହନ୍ତି ନାଟକ ହେଉଛି ଜୀବନର ଦର୍ପଣ ସଦୃଶ୍ୟ (holds the mirror up to nature)। କଥାବସ୍ତୁକୁ ଆରିଷ୍ଟଟଲ୍ ନାଟକର ଆତ୍ମା ବୋଲି କହିଛନ୍ତି । ତାଙ୍କ ମତରେ କଥାବସ୍ତୁ ଆଦି ମଧ୍ୟ ଅନ୍ତଃ ସମନ୍ୱିତ ଏକ ଘଟଣା। ଏଥିରେ ବହୁ ଘଟଣାର ସମାବେଶ ହୋଇ ଥିଲେ ହେଁ ସେମାନଙ୍କ ମଧ୍ୟରେ ଏକ ସୁସନ୍ଦ୍ଧ ଐକ୍ୟ ରହିଥାଏ। ନାଟକର ମୁଖ୍ୟ କଥାବସ୍ତୁକୁ କେନ୍ଦ୍ରକରି ଅନ୍ୟାନ୍ୟ କଥାବସ୍ତୁ ଗଢ଼ିଉଠେ। କିନ୍ତୁ ସବୁଗୁଡ଼ିକ ମୁଖ୍ୟ କଥାବସ୍ତୁ ସହ ସଂପୃକ୍ତ ତଥା ମୁଖ୍ୟ କଥାବସ୍ତୁକୁ ପୁଷ୍ଟ କରୁଥିବା ଉଚିତ। ନାଟକ ଅଭିନୀତ ହେବାପାଇଁ ରଚନା କରାଯାଉଥିବାରୁ ଯେଉଁ ଦୃଶ୍ୟ, ଯେଉଁଭଳି ଚରିତ୍ର ଓ ଯେଉଁଭଳି ଘଟଣା ନାଟକରେ ଦେଖାଇ ହେବ ନାହିଁ ସେଭଳି କଥାବସ୍ତୁ ଲେଖକ ଗ୍ରହଣ କରି ନଥାନ୍ତି।"[୮] ସାହିତ୍ୟକ ଜୀବନଧର୍ମୀ ଗୋଟିଏ କାହାଣୀ ପ୍ରସ୍ତୁତ କରନ୍ତି, ଯେଉଁ କାହାଣୀ ଘଟଣା, ଚରିତ୍ର କିମ୍ବା ତତ୍ତ୍ୱପ୍ରଧାନ ହୋଇପାରେ। କାହାଣୀର 'ସରଳ' ଏବଂ 'ଜଟିଳ' ନାମଧେୟ ଦୁଇଟି ବିଭାଗ ରହିଛି। ବାସ୍ତବତାର ମାୟା ସୃଷ୍ଟି ନିମନ୍ତେ ଅନେକ ନାଟକରେ ମୂଳ କାହାଣୀ ସହିତ ଗୋଟିଏ କିମ୍ବା ଦୁଇଟି ଉପକାହାଣୀ ଯୋଡ଼ିଦିଆଯାଇଥାଏ। ଅବଶ୍ୟ ଏହା ଉଭୟ କାହାଣୀ ମଧ୍ୟରେ ଗୋଟିଏ ଯୁକ୍ତିଗ୍ରାହ୍ୟ ଏବଂ କଳାପୂର୍ଣ୍ଣ ଯୋଗସୂତ୍ର ନାଟ୍ୟକାରଙ୍କୁ ପ୍ରତିଷ୍ଠା କରିବାକୁ ହୁଏ। ମୂଳ କାହାଣୀକୁ ପୂର୍ଣ୍ଣତାର ସାମଗ୍ରିକ ସୌନ୍ଦର୍ଯ୍ୟ ଦେବା ନିମନ୍ତେ ହିଁ 'ଉପକାହାଣୀର ପରିକଳ୍ପନା କରାଯାଇଥାଏ।

ନାଟକର କଥାବସ୍ତୁକୁ ବିଭିନ୍ନ ଅଙ୍କରେ ବିଭକ୍ତ କରଯାଇଥାଏ। ଗୋଟିଏ ଗୋଟିଏ ଅଙ୍କରେ ନାଟ୍ୟଗତି ଗୋଟିଏ ଗୋଟିଏ ବିଶେଷ ରୂପ ଓ ବେଗ ପ୍ରାପ୍ତ ହୋଇଥାଏ। ଦୃଶ୍ୟ


© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ବିଭାଗ ମଧ୍ୟରେ କାହାଣୀର ବିଶେଷ ବିଶେଷ ରୂପ ବିଶେଷ ବିଶେଷ ପରିବେଶରେ ସ୍ଥାପିତ ହୋଇଥାଏ। ଘଟଣାବିନ୍ୟାସ କାଳରେ ନାଟ୍ୟକାର ପ୍ରଥମତଃ, କଥାବସ୍ତୁ ମଧ୍ୟରେ ଘଟଣାର ଗୋଟିଏ ଐକ୍ୟବଦ୍ଧ ରୂପ ଚିତ୍ରଣ କରିବେ ଏବଂ ପୁନର୍ବାର ଏହି ଘଟଣାବଳୀ ଯେତେ ବୈଚିତ୍ର୍ୟମୟ ଏବଂ ଜଟିଳ ହେବ ନାଟ୍ୟ-କାହାଣୀ ସେତେ ଉପଭୋଗ୍ୟ ହୋଇପାରିବ। ବ୍ୟାପ୍ତି ବଦଳରେ ସଂକ୍ଷିପ୍ତ ମଧ୍ୟ ଦେଇ କାହାଣୀର ଲଳିତ ରୂପଟି ପ୍ରକଟିତ ହୋଇଥାଏ। କେବଳ ଅତି ପ୍ରୟୋଜନୀୟ ଘଟଣାଗୁଡ଼ିକୁ ନିର୍ବାଚନ କରି ନାଟ୍ୟକାର ତାହାରି ସାହାଯ୍ୟରେ କଥାବସ୍ତୁ ପ୍ରସ୍ତୁତ କରିବେ ବୋଲି ଆଶା କରାଯାଏ।

ନାଟ୍ୟ ସାହିତ୍ୟର ଏକ ସ୍ୱତନ୍ତ୍ର ପ୍ରକାର ନାଟକ ହେଉଛି ଚରିତନାଟକ। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରତିଟି ନାଟକ ମଣିଷର ଜୀବନ ଚରିତ ହିଁ ବଖାଣିଥାଏ ତେବେ ଚରିତନାଟକର କଥାବସ୍ତୁ ସାଧାରଣ ନାଟକର କାହାଣୀଠୁ ଅଲଗା କେମିତି ? ସାଧାରଣ ନାଟକରେ ନାଟ୍ୟକାର ସମାଜ ମଣିଷର ପ୍ରତୀକାତ୍ମ ଚିତ୍ର ଆଙ୍କି ତାର ଜୀବନ କାହାଣୀକୁ ନିଜ ଉଦ୍ଦେଶ୍ୟ ଆଧାରରେ ଗଢ଼ି ତୋଳନ୍ତି। କିନ୍ତୁ ଚରିତ ନାଟକରେ ଯେଉଁ ମଣିଷର ଜୀବନଗାଥା ପରିବେଷିତ ହୁଏ ସେ ପୂର୍ବରୁ ହିଁ ନିଜ କର୍ମ ତଥା ସାଧନା ବଳରେ ଏହି ଧରାପୃଷ୍ଠରେ ପ୍ରତିଷ୍ଠା ଅର୍ଜନ କରିସାରିଥାଏ। ଅର୍ଥାତ୍ ନାଟ୍ୟକାର ଯେଉଁ ଚରିତକୁ ନାୟକ କରନ୍ତି ତାର କାହାଣୀ ସହ ଊଣା ଅଧିକେ ପୂର୍ବରୁ ହିଁ ଲୋକେ ପରିଚିତଥାନ୍ତି। ଚରିତ ନାଟକର କଥାବସ୍ତୁର ବିଶେଷତ୍ୱ ହେଲା -

- ଚରିତ ନାଟକର କଥାବସ୍ତୁର ପ୍ରଥମ ଓ ପ୍ରମୁଖ ବିଶେଷତ୍ୱ ହେଲା ଏହା ଦର୍ଶକଙ୍କୁ ମନୋରଞ୍ଜନ ପ୍ରଦାନ କରିବା ସହିତ ସମାଜର ଏକ ଦୃଷ୍ଟାନ୍ତମୂଳକ କାହାଣୀ ସହିତ ପରିଚିତ କରାଇଥାଏ। ଅର୍ଥାତ୍ ଏହା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏକ ଶିକ୍ଷାମୂଳକ ଓ ପ୍ରେରଣାଦାୟୀ କାହାଣୀ ମାଧ୍ୟମରେ ଦର୍ଶକଙ୍କୁ ଉଚ୍ଚ ଆଦର୍ଶର ସହିତ ପରିଚୟ କରାଇଥାଏ।
- ଦ୍ୱିତୀୟତଃ, ଚରିତନାଟକର କଥାବସ୍ତୁ ମୂଳତଃ ଧାର୍ମିକ, ଆଧ୍ୟାତ୍ମିକ ଭାବନା ଓ ଉଚ୍ଚ ଆଦର୍ଶ ନୀତିର ପ୍ରଚାର କରିବା ଉଦ୍ଦେଶ୍ୟରେ ଆଶ୍ରିତ ହୋଇଥାଏ। ଏହା ମହାପୁରୁଷଙ୍କ ଜୀବନ ଓ କର୍ମ ମାଧ୍ୟମରେ ଧର୍ମ, ନୈତିକତା ଓ ଆଦର୍ଶବାଦର ପ୍ରଚାର କରେ ଏବଂ ଦର୍ଶକଙ୍କ ମନରେ ଏକ ଉନ୍ନତ ଚେତନାର ସୃଷ୍ଟି କରିଥାଏ।
- ତୃତୀୟତଃ, ନାଟ୍ୟ କଥାବସ୍ତୁର ପରିସୀମା ବ୍ୟାପକ। ଆଧିଭୌତିକ ଓ ଅଲୌକିକ କାହାଣୀକୁ ଉପଜୀବ୍ୟ କରି ପୌରାଣିକ, ଇତିହାସର ବାସ୍ତବ ଘଟଣାରୁ ତଥ୍ୟ ସାଉଁଟି ଐତିହାସିକ ମନର କଳ୍ପନା ବିଳାସକୁ କେନ୍ଦ୍ରକରି କାଳ୍ପନିକ ଓ ସମାଜର ବାସ୍ତବ ସମସ୍ୟାକୁ ନେଇ ସାମାଜିକ ସମସ୍ୟା ମୂଳକ ନାଟକ ରଚନା ହେଉଥିବା ବେଳେ ବିଖ୍ୟାତ ବ୍ୟକ୍ତି ଚରିତ୍ରଙ୍କ ଆଦର୍ଶ ବ୍ୟକ୍ତିତ୍ୱକୁ ଭିତ୍ତିକରି ଚରିତନାଟକ ରଚନା କରାଯାଏ"। [୯]
- ଚତୁର୍ଥତଃ, ଚରିତନାଟକର କଥାବସ୍ତୁରେ ଐତିହାସିକ ସତ୍ୟତା ସହିତ କିମ୍ବଦନ୍ତୀ ଓ ଅଲୌକିକତାର ଏକ ଅପୂର୍ବ ସମନ୍ୱୟ ଦେଖାଯାଏ। ଜନଶ୍ରୁତିରେ ସଞ୍ଚରିତ କାହାଣୀ ଯାହା ନାୟକର ଜୀବନକୁ ଅଧିକ ବିଶେଷିତ ଓ ମହିମାନ୍ୱିତ କରିଥାଏ, ନାଟ୍ୟକାର ସେହି କାହାଣୀଗୁଡ଼ିକୁ କଥାବସ୍ତୁର ମୂଳ କଙ୍କାଳ ଭାବରେ ବ୍ୟବହାର କରିଥାନ୍ତି। ଏହା ଦ୍ୱାରା ନାଟକଟି ଅଧିକ ଆକର୍ଷଣୀୟ ଓ ପ୍ରଭାବଶାଳୀ ହୋଇଥାଏ।
- ପଞ୍ଚମତଃ, ଚରିତନାଟକର କଥାବସ୍ତୁ ସାଧାରଣ ସାମାଜିକ ନାଟକରେ ବର୍ଣ୍ଣିତ ବାସ୍ତବତାକୁ ଦୃଶ୍ୟଶୀଳ କଳାପରି କରେ ନାହିଁ। ସାମାଜିକ ନାଟକର ନାଟ୍ୟକାର ଯେଉଁ ସମାଜ ଗଠନ ପାଇଁ ଇଚ୍ଛୁକ ଚରିତନାଟକର ନାଟ୍ୟକାର ମଧ୍ୟ ସେହି ସମାଜ ଚାହେଁ। ବାଣ୍ କଥାବସ୍ତୁ ଚୟନ ଯାହା ଅଲଗା। ସାମାଜିକ ନାଟକର ଲେଖକ ସମାଜର ନଗ୍ନବାସ୍ତବ କାହାଣୀ ଦେଖାଇ ମଣିଷଙ୍କୁ ଆଦର୍ଶ ମୁହାଁ କରୁଥିବା ସମୟରେ ଚରିତନାଟକର ଲେଖକ ଆଦର୍ଶ ମଣିଷର ଆଦର୍ଶ ତଥା ପ୍ରେରଣାଦାୟୀ ସଂଘର୍ଷ କାହାଣୀ କହି ନୈତିକାତା ତଥା ଆଦର୍ଶ ମୂଲ୍ୟବୋଧ ପ୍ରତିଷ୍ଠା କରେ ।

**୨-ଚରିତ୍ର(Character) :** "ଚରିତ୍ରଟିଏ - ଜଣେ ନାଟ୍ୟକାରର ଅଭ୍ୟନ୍ତର ସତ୍ତାର ଭାବନାକୁ ଯଥାଯଥ ପ୍ରତିପାଦନ କରିବାକୁ ଯାଇ ସୃଷ୍ଟି ହୋଇଥାଏ। ତେଣୁ ଏହାକୁ ଛାଞ୍ଚ କୁହାଯାଇପାରେ। ନିର୍ଦ୍ଦେଶକର -ଅନ୍ତଃଚେତନା ସହ ସାମଞ୍ଜସ୍ୟ ରକ୍ଷାକରି ବର୍ଦ୍ଧିତ ହୋଇଥାଏ। ତେଣୁ ସେ ସଂପୂର୍ଣ୍ଣ କଳେବର ପ୍ରାପ୍ତ କରିଥାଏ। ଅଭିନେତା ନିଜର ଅନେକ ପୋଷାକ ଭିତରୁ ଗୋଟିଏକୁ ବାଛିବା ପରି, ନିଜ ଭିତରରୁ ଚରିତ୍ର ଉପଯୋଗୀ ଭାବନାଟିକୁ ବାଛି ତା ସହ ଏକାତ୍ମକତା ରଖିଥାଏ ଅତଃ ଚରିତ୍ରରେ ସେ ଜୀବନ୍ୟାସ ଦେଇଥାଏ।"[୧୦] ନିର୍ବାଚିତ କଥାବସ୍ତୁର ପରିବେଷଣ ପାଇଁ ଚରିତ୍ରର ଆବଶ୍ୟକତା ପଡେ। ଚରିତ୍ର ହିଁ କାହାଣୀକୁ ଗତିଶୀଳ କରାଏ। ନାଟକରେ ଚରିତ୍ର ଚିତ୍ରଣ ତଥା ଚରିତ୍ର ଅବତାରଣାର ଗୁରୁତ୍ୱ ଦର୍ଶାଇବାକୁ ଯାଇ ହଡସନ୍ ଦେଇଥିବା ମନ୍ତବ୍ୟଟି ଅତ୍ୟନ୍ତ ଲୋକପ୍ରିୟ-"Characterisation is the realy fundamental and lasting element in the greatness of any dramatic work."

ଜୀବନ ଆମର କର୍ମମୟ , ଜନ୍ମହେବାର ପର ମୁହୂର୍ତ୍ତ ଠାରୁ ମୃତ୍ୟୁର ଅବ୍ୟବହିତ ପର୍ଯ୍ୟନ୍ତ ମାନବ କୌଣସି ନା କୌଣସି କର୍ମରେ ଲିପ୍ତ ରହିଥାଏ। କର୍ମରେ କ୍ଳାନ୍ତି ଆସିବା ସ୍ୱାଭାବିକ। କର୍ମକ୍ଳାନ୍ତ ମାନବ ନିଜର ଶ୍ରାନ୍ତି-ଦୂରୀକରଣ ନିମିତ୍ତ ଯେ କେତୋଟି ଉପାୟ ବାହାର କରିଛି ନାଟ୍ୟ ସାହିତ୍ୟ ତା' ମଧ୍ୟରୁ - ଅନ୍ୟତମ। ନାଟକ କାବ୍ୟର ଅନ୍ତର୍ଭୁକ୍ତ। କାବ୍ୟ ଦ୍ୱି-ବିଧ –ଦୃଶ୍ୟ ତଥା ଶ୍ରାବ୍ୟ। ନାଟକ ଦୃଶ୍ୟ କାବ୍ୟ। ଦୃଶ୍ୟ କାବ୍ୟ ହିଁ କାବ୍ୟ ସାହିତ୍ୟର ଚରମ ବିକାଶ। "କାବ୍ୟଷୁ ନାଟକଂ ରମ୍ୟମ୍" ଯେଉଁ କେତୋଟି ଉପାଦାନ ଦ୍ୱାରା ନାଟକଟି ସାଫଲ୍ୟମଣ୍ଡିତ ହୁଏ ସଫଳ ଚରିତ୍ର ଚିତ୍ରଣ ତା'ମଧ୍ୟରେ ପ୍ରଧାନ-ଚରିତ୍ର ଚିତ୍ରଣର ସଫଳତା ଉପରେ ନାଟକର ସଫଳତା ନିର୍ଭର କରିଥାଏ"।[୧୧]

ଚରିତନାଟକ ମୁଖ୍ୟତଃ ଚରିତ୍ର କୈନ୍ଦ୍ରିକ। ହେମନ୍ତ ଦାସଙ୍କ ମନ୍ତବ୍ୟକୁ ପୁନର୍ବାର ଉଦ୍ଧାର କରାଯାଇପାରେ-"ଯେଉଁଠାରେ ବହୁ ବ୍ୟକ୍ତିତ୍ୱଯୁକ୍ତ ବ୍ୟକ୍ତି ବିଶେଷକୁ ଉପସ୍ଥାପିତ କରାଯାଇଥାଏ, ବ୍ୟକ୍ତିର ଜୀବନକୁ ବା ସ୍ୱରୂପକୁ ଭିନ୍ନମୁଖୀ କାର୍ଯ୍ୟ ମଧ୍ୟ ଦେଇ, ପାରସ୍ପରିକ ଅନ୍ୱୟହୀନ ଘଟଣା ପରମ୍ପରାର ସାହାଯ୍ୟରେ ବ୍ୟକ୍ତ କରାଯାଇଥାଏ ତାହା ହିଁ ଚରିତ କାବ୍ୟ। ଏଥିରେ ଯେଉଁ ଐକ୍ୟଥାଏ, ତାହା କାର୍ଯ୍ୟ ଐକ୍ୟ ନୁହେଁ, ନାୟକ ଐକ୍ୟ (Unity of hero) ଭାବ ବା ରସର ଆସ୍ୱାଦନ ଏଠାରେ ମୁଖ୍ୟ କାମ୍ୟ ନୁହେଁ - ମୁଖ୍ୟ କାମ୍ୟ ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱର ସ୍ୱରୂପ ବା ଜୀବନ ସାଧନା ଓ ପରିଣତି।"[୧୨] ଚରିତନାଟକର ଗୋଟେ ବିଶେଷତ୍ୱ ହେଉଛି ଯେ ଗୋଟେ ଚରିତ୍ରକୁ ନାୟକ କରି ଅନେକ ନାଟକ ରଚନା କରାଯାଇପାରେ। ନାଟ୍ୟକାରଙ୍କ ଦ୍ୱାରା ଚୟନ ହୋଇଥିବା ଚରିତ୍ର ଜୀବନରେ ଯେକୌଣସି କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥାଏ। ତା'ର ଜୀବନର ଅନ୍ତଃ ଓ ବାହ୍ୟ ଚିତ୍ରଣ ଏବଂ ତା' ଜୀବନର ଘଟଣାମାନଙ୍କର କଳାତ୍ମକ ସଂଯୋଜନ ନାଟ୍ୟକାର କରିଥାନ୍ତି ।

ଚରିତ ନାଟକର କଥାବସ୍ତୁ ଅଧିକ ସତ୍ୟାଶ୍ରୟୀ ହୋଇଥିବାରୁ ଏହାର ମୁଖ୍ୟ ନାୟକ ଏକାନ୍ତ ବାସ୍ତବ ଚରିତ୍ର। ଏଣୁ ଚରିତ ନାଟକରେ ନାୟକ ଚରିତ୍ରର ଆଦର୍ଶ, ନିଷ୍ଠା, ଉଦାରତା, ମହାନତାକୁ ବାସ୍ତବ ରୂପଦେଇ ନାଟକରେ ଉପସ୍ଥାପନ କରାଯାଇଥାଏ। କହିବାକୁ ଗଲେ ଚରିତ ନାଟକର ନାୟକଙ୍କ ଚାରିତ୍ରିକ ଆଦର୍ଶର ପ୍ରଗାଢ଼ତା ଦର୍ଶକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିଥାଏ, ଯାହା ସାଧାରଣ ନାଟକରେ ଦେଖିବାକୁ ମିଳି ନଥାଏ। ଏ ଦୃଷ୍ଟିରୁ ଚରିତନାଟକର ମୁଖ୍ୟ ଚରିତ୍ର ଚିତ୍ରଣର ବାସ୍ତବତା


© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପ୍ରତି ନାଟ୍ୟକାର ଅଧିକ ଯତ୍ନଶୀଳ ହୋଇଥାଆନ୍ତି। ନାଟ୍ୟକାର ଚରିତ ନାୟକର ବ୍ୟକ୍ତିଗତ ଜୀବନର ସଂଯମତା, ଚରିତ୍ର ବତ୍ତା ଓ ଆଦର୍ଶ ଉପରେ ଗୁରୁତ୍ୱ ଦେବା ସହିତ ସାମାଜିକ ଜାଗରଣ ସୃଷ୍ଟିର ଆହ୍ୱାନ ଦେଇଥାନ୍ତି। ଇତିହାସର ଆଦର୍ଶ ବ୍ୟକ୍ତିଚରିତ୍ରକୁ ନେଇ ଚରିତ ନାଟକର କଥାବସ୍ତୁ ଗତିଶୀଳ। ଚରିତଧର୍ମୀ ନାଟକରେ ମୁଖ୍ୟ ଚରିତ୍ର ଚିତ୍ରଣରେ ଅତିରଞ୍ଜିତ, ଅଲୌକିକ ଏବଂ କଳ୍ପନା ବିଳାସର ସ୍ଥାନ ନଥାଏ। ତଥାପି ସ୍ଥଳ ବିଶେଷରେ ଚରିତ ନାଟକର ମୁଖ୍ୟ ଚରିତ୍ରର ଚାରିତ୍ରିକ ଉଜ୍ଜ୍ୱଳର ପରିପ୍ରକାଶ ପାଇଁ ଓ ନାଟକର ଗତିଶୀଳତା ପାଇଁ ଯେଉଁ କେତେକ ଗୌଣ ଚରିତ୍ରକୁ ନାଟକରେ ସୃଷ୍ଟି କରାଯାଇଥାଏ ସେଥିମଧ୍ୟରୁ କେତେକ ବାସ୍ତବ ଏବଂ କେତେକ କଳ୍ପନାଶ୍ରୟୀ ହୋଇଥାନ୍ତି କିମ୍ବା ନାଟ୍ୟକାରଙ୍କ କଳ୍ପନାର ରଂଗରେ ରଙ୍ଗୀନ୍ ହୋଇଥାଆନ୍ତି। ମାତ୍ର ଚରିତ ନାୟକଙ୍କ ଚାରିତ୍ରିକ ବାସ୍ତବତା ପ୍ରତି ଏହି ଚରିତ୍ରମାନେ ଅନ୍ତରାୟ ସୃଷ୍ଟି କରି ନଥାନ୍ତି।"[୧୩]

ଚରିତ ନାଟକର ଚରିତ୍ର ସମାବେଶ ସମୟରେ ନାଟ୍ୟକାର ଯେ ମୂଳ ଚରିତ୍ରର ସାର୍ବଜନୀନ ପରିଚିତିକୁ ହିଁ ଅବଲମ୍ବନ କରିବେ ତାହା ନୁହେଁ। ପ୍ରତିଟି ମଣିଷର ବହୁଧା ବ୍ୟକ୍ତିତ୍ୱଥାଏ। ବହୁଧା ବ୍ୟକ୍ତିତ୍ୱର ଅଧିକାରୀ ମଣିଷ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱକୁ ନେଇ ସାମାଜିକ ସ୍ୱୀକୃତି ବା ପ୍ରତିଷ୍ଠା ପାଇଥାଏ। ଚରିତ ନାଟ୍ୟକାର ଉକ୍ତ ଚରିତ୍ରଟିକୁ ଯେତେବେଳେ ଚୟନ କରନ୍ତି ସେ ଯେ କେବଳ ପ୍ରତିଷ୍ଠା ଅର୍ଜନ କରିଥବା ବ୍ୟକ୍ତିତ୍ୱକୁ ଆଧାରକରି କଥାବସ୍ତୁ ପ୍ରସ୍ତୁତ କରିବେ ସେମିତି କିଛି ବାଧ୍ୟବାଧକତା ନାହିଁ। ନାଟ୍ୟକାର ଚାହିଁଲେ ଚରିତ୍ରର ଅନ୍ୟ ଦିଗକୁ ମଧ୍ୟ ଆଲୋକିତ କରିପାରିବେ। ମନେ କରନ୍ତୁ ଉପେନ୍ଦ୍ର ଭଞ୍ଜଙ୍କୁ ଆମେ ଜଣେ କବି ଭାବରେ ସମଗ୍ର ଓଡ଼ିଶାବାସୀ ଜାଣନ୍ତି। କିନ୍ତୁ ନାଟ୍ୟକାର ଯଦି ଉପେନ୍ଦ୍ରଭଞ୍ଜଙ୍କ ଚରିତନାଟକ ଲେଖିବେ ତେବେ ସେ ଯେ କେବଳ ଭଞ୍ଜଂକ ସାହିତ୍ୟିକ ଜୀବନ ବିଷୟରେ ଲେଖିବେ ସେମିତି କିଛି ଧରାବନ୍ଧା ନିୟମ ନାହିଁ। ଚରିତ ନାଟ୍ୟକାର ଚାହିଁଲେ ଉପେନ୍ଦ୍ରଭଞ୍ଜଙ୍କ ରାଜନୈତିକ ଉପଲବ୍ଧି , ପ୍ରେମିକ ପରାୟଣତା, ବୀରତ୍ୱର ପରକାଷ୍ଠାକୁ ମଧ୍ୟ ଉପେନ୍ଦ୍ରଭଞ୍ଜ ମୁଖ୍ୟ ବ୍ୟକ୍ତିତ୍ୱ ଭାବରେ ସ୍ୱୀକାର କରି ତାଙ୍କ ନାୟକ ଭାବରେ ନିଜ ଚରିତ ନାଟକରେ ଅବତାରଣା କରିପାରିବେ। ଚରିତ ନାଟକର ଚରିତ୍ର ଜଣକ ସାଧରଣତଃ ମହାପୁରୁଷ ଗୋଷ୍ଠୀର ହୋଇଥିବାରୁ ଅଧିକାଂଶ ନାଟ୍ୟକାର ତହିଁରେ ଐଶ୍ୱରୀୟ ଚେତନାକୁ ପରିପୁଷ୍ଟ କରିଥାନ୍ତି। ଇତିହାସର ବାସ୍ତବ ଚରିତ୍ର ଦେହରେ ପୌରାଣିକ ପ୍ରଲେପ ଦେଇ ନାଟ୍ୟନାୟକଙ୍କ ଦୈବୀଅଂଶ ଭାବରେ ବିବେଚିତ କରିବାର ପ୍ରୟାସ କରିଥାନ୍ତି।

ଚରିତ ନାଟକର ଚରିତ୍ରକୁ ମଞ୍ଚରେ ଅବତାରଣ କରାଯିବା ସମୟରେ ତାର ଫିଜିକାଲ୍ ପାର୍ସୋନାଲିଟି (Physical personality) ଏବଂ ଇଣ୍ଟେଲେକଚୁଆଲ୍ ପର୍ସୋନାଲିଟି (Intellectual personality) ପ୍ରତି ଗୁରୁତ୍ୱ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚରିତ ନାଟକର ଚରିତ୍ର ବିଶ୍ଳେଷଣରେ ଚରିତ୍ରର ଅଭିନୟ, ବେଶଭୂଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଗୋପବନ୍ଧୁ ଦାସଙ୍କ ଭୂମିକାରେ ଅବତୀର୍ଣ୍ଣ ଚରିତ୍ରଟି ଯଦି ଦର୍ଶକର ଆଖିକୁ ଅବିକଳ ଗୋପବନ୍ଧୁ ଦାସଙ୍କ ପରି ଦିଶିଲା ତେବେ ନାଟକଟି ସଫଳ ହେବାର ସମ୍ଭାବନା ବଢିଯାଏ। କାରଣ ନାଟକର ଦର୍ଶକ ଆପଣାର ପ୍ରିୟ ମଣିଷମାନଙ୍କୁ ଏତେ ଆତ୍ମିୟତାର ସହ ଭଲପାଏ ଯେ ସେମାନଙ୍କର ରୂପର ସାମଞ୍ଜସ୍ୟ ଦେଖି ମଧ୍ୟ ବିଭୋର୍ ହୋଇଯାଏ। ରୂପର ଏହି ସାମଞ୍ଜସ୍ୟ ସୃଷ୍ଟି କରିବା ପାଇଁ ନାଟ୍ୟ ନିର୍ଦ୍ଦେଶକଙ୍କ ଭୂମିକା ଅତୁଳନୀୟ ହୋଇପଡେ। ଚରିତ୍ରର ଆହାର୍ଯ୍ୟ ନିର୍ଣ୍ଣୟ ସମୟରେ ସ୍ଥାନ-କାଳ-ଘଟଣା ଜନିତ ଔଚିତ୍ୟକୁ ସ୍ୱୀକାର କରିବାକୁ ପଡିଥାଏ ।

**୩-ସଂଳାପ(Dialogue) :** ସଂଳାପ ନାଟକୀୟତାର ପ୍ରମୁଖ ଚିହ୍ନ। ଅଭିବ୍ୟକ୍ତି ପାଇଁ ନାଟ୍ୟକାରଙ୍କ ପ୍ରଧାନ ସାଧନ। ପାତ୍ରପଯୋଗୀ ଭାଷା ପ୍ରୟୋଗରେ ନାଟ୍ୟକାରଙ୍କ କୃତିତ୍ୱ ପ୍ରକଟିତ ହୁଏ। ଏ ବ୍ୟବସ୍ଥା ମଧ୍ୟ ଭରତକାଳୀନ। ସଂଳାପ ନାଟକକୁ ବ୍ୟକ୍ତ କରିବାର ମାଧ୍ୟମ ହୋଇଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ। ଚରିତ୍ର ମୁଖରେ କାହାଣୀକୁ ପ୍ରକାଶ କରିବା ପାଇଁ ସଂଳାପର ଆବଶ୍ୟକତା ପଡ଼ିଥାଏ। ନାଟ୍ୟକାର ଚରିତ୍ରମାନଙ୍କୁ ନାଟକ ପାଇଁ ନିର୍ବାଚିତ କରିବା ସମୟରେ ତାଙ୍କର ସ୍ଥିତି ଅବସ୍ଥିତି ବିଚାରରେ ସଂଳାପ ପ୍ରସ୍ତୁତ ହୁଏ। ସଂଳାପ ପ୍ରୟୋଗ ସଂପର୍କରେ କୁହାଯାଏ -"Dramatic dialogue must be direct and to the point , absolutely characterstic of the person speaking and the speechless as short as possible ."

ସଂଳାପ ବା କଥୋପକଥନ ହେଉଛି ନାଟକର ପ୍ରଣିଧାନଯୋଗ୍ୟ ଉପାଦାନ। ଏହା ନାଟକକୁ ସ୍ୱଷ୍ଟ, ହୃଦ୍ୟ ଓ ଗତିଶୀଳ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ବିଷୟବସ୍ତୁ ତଥା ଚରିତ୍ରର ଚାରିତ୍ରିକ ଆବେଦନ ପ୍ରସ୍ଫୁଟିତ ହୋଇଥାଏ। ଏହା ଯେତକ ଦ୍ୱନ୍ଦ୍ୱ ମୁଖର ହୁଏ, ନାଟକ ସେହି ପରିମାଣରେ ଉପଭୋଗ୍ୟ ହୋଇଥାଏ। ସଂଳାପ ହିଁ ନାଟକର କାହାଣୀ, ବିଭିନ୍ନ ରସ, ନାଟକର ମର୍ମବାଣୀ ଓ ନାଟ୍ୟକାରଙ୍କ କୃତିତ୍ୱକୁ ପ୍ରକାଶିତ କରେ। ନାଟକର ଚରିତ୍ର ସମ୍ପର୍କରେ ତା' ସଂଳାପର ଭାଷା ତଥା ସହ ଅଭିନେତାଙ୍କ ଅଭିନେତ୍ରୀଙ୍କ ସଂଳାପରୁ ହିଁ ଜଣାପଡେ। ପ୍ରାଚ୍ୟ ନାଟ୍ୟକାରମାନଙ୍କ ମତରେ ସଂଳାପ ହେଉ ତିନି ପ୍ରକାର; ଯଥା-ନିୟତ ଶ୍ରାବ୍ୟ ,ସର୍ବଶ୍ରାବ୍ୟ ଓ ଅଶ୍ରାବ୍ୟ।

**(କ) ନିୟୀତ-ଶ୍ରାବ୍ୟ-**ଏହି ପଦ୍ଧତି ଅନୁଯାୟୀ ରଙ୍ଗମଞ୍ଚର ସମସ୍ତ ଚରିତ୍ରଙ୍କ ସମକ୍ଷରେ ସଂଳାପ କରି ନଯାଇ କୌଣସି ନିର୍ଦ୍ଦିଷ୍ଟ ଚରିତ୍ରଙ୍କ ସମକ୍ଷରେ କଥୋପକଥନ ହୋଇଥାଏ ।

**(ଖ) ସର୍ବଶ୍ରାବ୍ୟ-**ଏହି ପଦ୍ଧତିକୁ ପ୍ରକଟ ବା ପ୍ରକାଶ ମଧ୍ୟ କୁହାଯାଏ। ଏହି କଥୋପକଥନ ସମସ୍ତଙ୍କ ସମକ୍ଷରେ କରିଯାଇଥାଏ।

**(ଗ) ଆଶ୍ରାବ୍ୟ-**ଏହି ପଦ୍ଧତି ଅନୁଯାୟୀ ଆତ୍ମଗତ କଥୋପକଥନ (ସ୍ୱଗତୋକ୍ତି) କରାଯାଇଥାଏ ।

ନାଟକର ପ୍ରାଣ ସଂଳାପ ହିଁ ନାଟ୍ୟକାରର ପ୍ରକୃତ ପରୀକ୍ଷା ନିଏ। ନାଟକର ସଫଳତା ବିଫଳତା ସଂଳାପର ପ୍ରଭାବିଶକ୍ତି ଉପରେ ନିର୍ଭର କରେ। ସ୍ଥାନ-କାଳ-ପାତ୍ର ଉପଯୋଗୀ ସଂଳାପ କାହାଣୀରେ ପ୍ରାଣ ସଞ୍ଚାର କରିବା ସହ ଚରିତ୍ରକୁ ବାସ୍ତବ ରୂପ ପ୍ରଦାନ କରେ। ମଞ୍ଚରେ ଛିଡା ହୋଇଥିବା ଅଭିନେତା ଜଣକୁ ହିଁ ସତ ମଣି ଦର୍ଶକ ତା ସଂଳାପରେ ହସେ କାନ୍ଦେ, ରୋମାଞ୍ଚିତ ହୁଏ, ଉତ୍କଣ୍ଠିତ ହୁଏ। ପ୍ରାଚୀନ ନାଟ୍ୟାଚାର୍ଯ୍ୟମାନଙ୍କ ସଂଳାପର ନିଦର୍ଶନ ଆଧୁନିକ ନାଟ୍ୟକାରଙ୍କ ପାଖରେ ଦେଖାଯାଏ ନାହିଁ। ଆଧୁନିକ ନାଟ୍ୟକାରମାନେ ଭାଷା, ଭାବ ଓ ଉପସ୍ଥାପନ କୌଶଳ ଅନୁସାରେ ନାଟକର ସଂଳାପକୁ ମଧ୍ୟ ଭିନ୍ନଭିନ୍ନ ଭାଗରେ ବିଭକ୍ତ କରିଥାନ୍ତି । ଯଥା :- **(ଅ) ଅମିତ୍ରାକ୍ଷର ସଂଳାପ, (ଆ) ସାଙ୍ଗୀତିକ ସଂଳାପ, (ଇ) କ୍ଷୁଦ୍ର ଖଣ୍ଡବାକ୍ୟର ପ୍ରୟୋଗ ( କ୍ଷୁଦ୍ର-ସଂଳାପ), (ଈ) ଇଙ୍ଗିତାତ୍ମକ ବା ସୂଚନାତ୍ମକ ସଂଳାପ, (ଉ)ଦୀର୍ଘବାକ୍ୟ ସଂଯୋଜନା (ଦୀର୍ଘ ସଂଳାପ), (ଊ) କାବ୍ୟିକ ସଂଳାପ, (ଋ) ବ୍ୟାଖ୍ୟାତ୍ମକ ବା ବିଶ୍ଳେଷଣାତ୍ମକ ସଂଳାପ, (ଋ) ଲୌକିକ ସଂଳାପ, (ଏ) ପ୍ରସ୍ତାବନା ସଂଳାପ, (ଐ) କାହାଣୀ କଥନଧର୍ମୀ ସଂଳାପ, (କ)ଆବେଗାତ୍ମକ ସଂଳାପ।**


© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଚରିତ ନାଟକର ଚରିତ୍ରଙ୍କ ବ୍ୟକ୍ତିତ୍ୱ ଗୁଡିକ ସର୍ବସାଧାରଣରେ ସୁପରିଚିତ ହୋଇଥିବାରୁ ନାଟ୍ୟକାରଙ୍କୁ ସଂଳାପ ସଂଯୋଜନାରେ ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ପୁଣି ଅତୀତର ପ୍ରଭାବଶାଳୀ ମଣିଷମାନଙ୍କ ଜୀବନ ଚରିତ ଆଧାରିତ କାହାଣୀ ବର୍ତ୍ତମାନର ଦର୍ଶକଙ୍କ ପାଇଁ ପ୍ରସ୍ତୁତ କରାହେଉଥିବାରୁ ସଂଳାପର ଭାଷା କିପରି ହେବ ତାହା ନାଟ୍ୟକାରଙ୍କୁ ଚିନ୍ତିତ ହେବାକୁ ବାଧ୍ୟ କରିଥାଏ। ସାଧାରଣ ନାଟକ ଓ ଚରିତ ନାଟକ ମଧ୍ୟରେ ପାର୍ଥକ୍ୟଟି ହେଉଛି ଯେ ସାଧାରଣ ନାଟକ ନାଟ୍ୟକାରର ପରିକଳ୍ପିତ ବାସ୍ତବତା କିନ୍ତୁ ଚରିତ ନାଟକ ହେଉଛି ଐତିହାସିକ ବାସ୍ତବତା। ତେଣୁ ବାସ୍ତବ ଓ ସତ୍ୟାଶ୍ରିତ ଘଟଣାକୁ ନେଇ ରଚିତ ଚରିତ ନାଟକର ସଂଳାପ ସ୍ୱଷ୍ଟ, ପ୍ରାଞ୍ଜଳ ଭାବରେ ନାଟକର ଆଧାରିତ କାଳକୁ ପରିପ୍ରକାଶ କରିବାରେ ସମର୍ଥ ହୋଇଥାଏ। ନାଟ୍ୟକାର ଯାଦୃଚ୍ଛିକ ଭାବରେ ସଂଳାପର ଭାଷାକୁ ସାମ୍ପ୍ରତିକ କରିପାରିବେ ନାହିଁ କି ଖୁବ ପ୍ରାଚୀନ କରିପାରିବେ ନାହିଁ। ସଫଳ ଚରିତ ନାଟକ ରଚନା ପାଇଁ ନାଟ୍ୟକାରଙ୍କୁ ଚିତ୍ରିଣ କରୁଥିବା ଚରିତ୍ର ଯେଉଁ କାଳଖଣ୍ଡରେ ଜୀବନ ଧାରଣ କରୁଥିଲା ସେହି କାଳଖଣ୍ଡର ଭାଷା ବିଷୟରେ ଗବେଷଣା କରିବାକୁ ପଡିଥାଏ। ସାରଳା ଦାସ, ବଳରାମ ଦାସ, ଚୈତନ୍ୟ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜଙ୍କ ପରି ଭିନ୍ନ ଭିନ୍ନ କାଳଖଣ୍ଡର ଚରିତ୍ରଙ୍କ ସଂଳାପର ଭାଷା ଭିନ୍ନଭିନ୍ନ ଧରଣ ହେବାକୁ ବାଧ୍ୟ। ତେବେ ଯାଇ ଚରିତ ନାଟକର ସଫଳତା। ଚରିତ ନାଟକ ଏକ ନିର୍ଦ୍ଦିଷ୍ଟ ସମୟର ସଂଳାପ ରଚନା ବେଶ୍ କଷ୍ଟସାଧ୍ୟ ବ୍ୟାପାର। ଆବେଗାଚ୍ଛନ୍ନ ଚରିତ୍ର ନିମନ୍ତେ କାବ୍ୟ ଭାଷାର ପ୍ରୟୋଜନ ସର୍ବୋତ୍ତମ।"[୧୪] କିନ୍ତୁ ନାଟ୍ୟକାରଙ୍କ ମନେରଖିବାକୁ ହେବ ଯେ ତାଙ୍କର ଦର୍ଶକ କିଏ। କାବ୍ୟିକ ସଂଳାପର ଭାଷା ଯେମିତି ଦର୍ଶକ ଅନୁମୋଦିତ ହୋଇଥିବ। ଐନ୍ଦ୍ରଜାଳିକ ଭାଷା ତଥା ଅଳଙ୍କାର ଖଚିତ ଭାଷାର ଭାର ଦର୍ଶକ ବୋହି ନପାରିଲେ ନାଟକର ମୂଲ୍ୟ ହ୍ରାସ ପାଇବା ସ୍ୱଭାବିକ। ତେଣୁ ଚରିତ ନାଟକର ଚରିତ୍ର ଶବ୍ଦର ସାତ ସମୁଦ୍ର ପାରି ହୋଇଥିବାର ଆତ୍ମଶ୍ଳାଘା ରଖିଥିବା କବିସମ୍ରାଟ ଉପେନ୍ଦ୍ରଭଞ୍ଜ ହୋଇଥିଲେ ମଧ୍ୟ ନାଟ୍ୟକାରଙ୍କୁ ଭାଷାର ସଂଯମତା ରଖିବାକୁ ହେବ। ଚରିତ ନାଟକର ଉଦ୍ଦେଶ୍ୟ ହେଉଛି ଜାତୀୟ ଅସ୍ମିତା ନିର୍ମାଣକାରୀ ମହାପୁରୁଷଙ୍କ ବିଷୟରେ ସମାଜର ସବୁସ୍ତର ମଣିଷଙ୍କୁ ଜଣାଇବା ତେବେ ଏହି ପରିପ୍ରେକ୍ଷୀରେ ସଂଳାପର ଭାଷା ଯେପରି ବାଧକ ନହୁଏ ସେଥିପ୍ରତି ନାଟ୍ୟକାର ଦୃଷ୍ଟିଦେଇଥାନ୍ତି। ପୁଣି ଚରିତ ନାଟକର ଆଭିମୁଖ୍ୟକୁ ଦୃଷ୍ଟି ଆଗରେ ରଖି ଚରିତ୍ର ମୁଖରେ ଉଦବୋଧିତ କଲାପରି ସଂଳାପ ମଧ୍ୟ ଦେଖିବାକୁ ମିଳିଥାଏ। ଇତିହାସ ଯେଉଁ ଚରିତ୍ରଗୁଡିକୁ ଯେଉଁ ବ୍ୟକ୍ତିତ୍ୱ ରୂପରେ ପରିଚିତ କରାଇଛି ସେହି ଚରିତ୍ରର ସଂଳାପରେ ନାଟ୍ୟକାର ସେହିପରି ସ୍ୱର (Tone) ଖଞ୍ଜିଥାନ୍ତି ।

**୪-ଦ୍ୱନ୍ଦ (Conflict):** ଜୀବନ କହିଲେ ନାନାଦି ଦ୍ୱନ୍ଦର ସମାହାରକୁ ହିଁ ବୁଝାଏ। ନାଟକ ଯେହେତୁ ମଣିଷ ଜୀବନର ପ୍ରତିଫଳନ ତେଣୁ ଦ୍ୱନ୍ଦ ବ୍ୟତିରେକେ ତାର ପରିକଳ୍ପନା ଅସମ୍ଭବ। ସେଥିପାଇଁ କୁହାଯାଏ 'No conflict no drama'। ଦ୍ୱନ୍ଦ ନାହିଁ ତ ନାଟକ ନାହିଁ। ଦ୍ୱନ୍ଦ ହିଁ ସାଧାରଣ କାହାଣୀକୁ ନାଟକୀୟ କାହାଣୀରେ ପରିଣତ କରେ। ଆରିଷ୍ଟୋଟଲ୍ ନାଟକରେ କଥାବସ୍ତୁକୁ ତା'ର ଆତ୍ମା ବୋଲି ଆଖ୍ୟାୟିତ କରିଥିଲେ ମଧ୍ୟ ଅନେକ ସମାଲୋଚକ ଦ୍ୱନ୍ଦକୁ ନାଟକର ପ୍ରାଣବୋଲି ବର୍ଣ୍ଣନା କରିଛନ୍ତି। "Conflict is the life of a drama " ନାଟକୀୟ ଦ୍ୱନ୍ଦକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ, ବାହ୍ୟ ଦ୍ୱନ୍ଦ (Outer Conflict) ଏବଂ ଅନ୍ତର୍ଦ୍ୱନ୍ଦ (inner Conflict)। ବ୍ୟକ୍ତି ସହ ବ୍ୟକ୍ତି ସମାଜ ବା ପରିବେଶ ବା ଭାଗ୍ୟ କୌଣସି ଦୈବୀଶକ୍ତିର ସଂଘର୍ଷକୁ ବାହ୍ୟଦ୍ୱନ୍ଦ କୁହାଯାଏ। ଅପର ପକ୍ଷରେ ଚରିତ୍ରର ମାନସିକ ଜଟିଳତାକୁ ନେଇ ସୃଷ୍ଟ ସଂଘର୍ଷକୁ ଅନ୍ତର୍ଦ୍ୱନ୍ଦ କୁହାଯାଏ।

ଚରିତ ନାଟକରେ ଦ୍ୱନ୍ଦ ମୁଖ୍ୟ ଭୂମିକା ନିର୍ବାହ କରେ। କାରଣ ଜୀବନର ଚଲାପଥରେ ଯେଉଁ ମଣିଷ ପ୍ରତିକୂଳ ଘଟଣାବଳୀ ସହ ବିଦ୍ରୋହ ଘୋଷଣା କରି ବିଜୟୀ ହୋଇଥାନ୍ତି ସେମାନଙ୍କ କାହାଣୀ ହିଁ ଚରିତ ନାଟକରେ ବର୍ଣ୍ଣିତ ହୋଇଥାଏ। ଏହି ଦ୍ୱନ୍ଦ ହିଁ ଦର୍ଶକକୁ ବେଶୀ ଆକର୍ଷିତ କରିଥାଏ। ଚରିତ ନାଟକରେ ବାହ୍ୟଦ୍ୱନ୍ଦ ଅପେକ୍ଷା ଅନ୍ତର୍ଦ୍ୱନ୍ଦ ଦର୍ଶକକୁ ବେଶୀ ଚକିତ କରିଥାଏ। କାରଣ ଚରିତ ନାଟକର ଚରିତ୍ରଗୁଡିକ ହେଉଛନ୍ତି ଇତିହାସରେ ବର୍ଣ୍ଣିତ ପାତ୍ର। ଇତିହାସ ତଥ୍ୟାଶ୍ରୟୀ ହୋଇଥିବାରୁ ସେହି ପାତ୍ରମାନଙ୍କ ଜୀବନର ବାହ୍ୟଦ୍ୱନ୍ଦ ଯେତକ ସବୁକୁ ଲିପିବଦ୍ଧ କରିଥାଏ। କିନ୍ତୁ ଇତିହାସ ସେହି ପାତ୍ରଙ୍କ ମାନସିକ ଦ୍ୱନ୍ଦକୁ ପ୍ରକଟ କରେ ନାହିଁ ଯେହେତୁ ତାହା କଳ୍ପନାଶ୍ରୟୀ। ତେଣୁ ନାଟ୍ୟକାର ଚରିତ ନାଟକରେ ବାହ୍ୟଦ୍ୱନ୍ଦର ପରିବେଷଣ କରିଥିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ ମାଧ୍ୟମରେ ହିଁ କୃତିତ୍ୱ ଦେଖାଇଥାନ୍ତି।

ସାଧାରଣ ନାଟକ ରଚନାରେ ଯେଉଁ ପଦ୍ଧତି ଗ୍ରହଣ କରାଯାଏ ତାହା ଚରିତନାଟକ ପାଇଁ ପ୍ରଯୁଜ୍ୟ ହୋଇ ନଥାଏ। କାରଣ ଘଟଣାର ଘାତ ପ୍ରତିଘାତରେ ନାଟକର କଥାବସ୍ତୁ ଅଗ୍ରସର ହୁଏ ସତ ମାତ୍ର, ନାଟକର ମୁଖ୍ୟଚରିତ୍ର କେଉଁଠାରେ ସରଳରେଖାରେ ଯାଏନା। ଜୀବନ ଗୋଟିଏ ଦିଗରେ ଗଲେ ସମୟର ଧକ୍କା ଖାଇ ତାହାର ଗତି ଅନ୍ୟ ଦିଗରେ ଫେରେ। ପୁନର୍ବାର ଧକ୍କାରେ ଅନ୍ୟ ଦିଗକୁ ଅଗ୍ରସର ହୁଏ। ନାଟକରେ ନାୟକ ଚରିତ୍ରର ଏହି ଉନ୍ନୟମ ଓ ଅବନୟଜ ରୂପକୁ ନାଟ୍ୟକାର ଦର୍ଶକ ନିକଟରେ ଉପସ୍ଥାପନ କରିଥାନ୍ତି। ଫଳତଃ ଶାନ୍ତି ଆଦର୍ଶ ଚରିତ୍ର ଓ ବାହ୍ୟ ଘଟଣାର ସଂଘର୍ଷଣରେ ଏ ନାଟକର ଜନ୍ମ। ଚରିତ ନାୟକ ଯଦି ଧର୍ମପ୍ରବର୍ତ୍ତକ ଧର୍ମ ସଂସ୍କାରକ ହୋଇଥାନ୍ତି ତେବେ ନାଟ୍ୟକାର ତାଙ୍କ ସଂଘର୍ଷମୟ କ୍ଷତାକ୍ତ ଜୀବନର କରୁଣ କାହାଣୀ ମଧ୍ୟ ଦେଇ ସଂପୃକ୍ତ ଧର୍ମକୁ ପ୍ରତିଷ୍ଠିତ କରିବା ପାଇଁ ସଚେଷ୍ଟ ହୋଇଥାନ୍ତି। ସେହିପରି ଜଣେ ସାହିତ୍ୟିକଙ୍କ ଆଦର୍ଶ ପରିସ୍ଫୁଟନ ପାଇଁ ନାଟ୍ୟକାର ପାରିପାର୍ଶ୍ୱିକ ଦ୍ୱନ୍ଦ ଓ ସଂଘର୍ଷ ଭିତରେ ତାଙ୍କ ସାଧନା ଓ ସଫଳ ସାହିତ୍ୟକୃତିକୁ ପ୍ରତିଷ୍ଠିତ କରିଥାନ୍ତି। ଜଣେ କବି ନିଜ କାବ୍ୟ ପ୍ରତିଭା ଓ ସାଧନା ସିଦ୍ଧକାବ୍ୟ କବିତାକୁ ବଞ୍ଚାଇ ରଖିବା ପାଇଁ ତତ୍ ସମୟର ପରିସ୍ଥିତି ପରିବେଶ ସହିତ ସଂଘର୍ଷ କରିଥାନ୍ତି। ଜଣେ ରାଷ୍ଟ୍ର ନାୟକ ସେହିପରି ଜୀବନକୁ ବାଜିରଖି ଦେଶ ପାଇଁ, ସମାଜ ପାଇଁ ଜାତି ପାଇଁ ସଂଘର୍ଷ କରି ନିଜକୁ ଓ ନିଜ ଆଦର୍ଶକୁ ପ୍ରତିଷ୍ଠା କରିଥାନ୍ତି। ଏହାକୁ ଦର୍ଶକ ନିକଟରେ ଉପସ୍ଥାପନ କରିବା ଚରିତ ନାଟ୍ୟକାରଙ୍କ ଲକ୍ଷ୍ୟ ହୋଇଥାଏ। ତେଣୁ ଚରିତ ନାଟକ ପାଇଁ ଦ୍ୱନ୍ଦ ସଂଘର୍ଷର ଭୂମିକାକୁ ଅସ୍ୱୀକାର କରିହେବ ନାହିଁ। ଏଥିରେ ବାହ୍ୟଦ୍ୱନ୍ଦ ଯେତିକି ଅନ୍ତର୍ଦ୍ୱନ୍ଦ ସେତିକି ଗୁରୁତ୍ୱପୂର୍ଣ୍ଣ, ଯାହା ଚରିତ ନାଟକ ନାୟକଙ୍କ ଆଦର୍ଶ ରୂପାୟନରେ ସାହାଯ୍ୟ କରିଥାଏ। ଚରିତ ନାୟକର ବ୍ୟକ୍ତିତ୍ୱ ପ୍ରତିଷ୍ଠା ପାଇଁ ନାଟ୍ୟକାର ପ୍ରତିନାୟକ ବା ଖଳନାୟକ ଦ୍ୱାରା ବିଘ୍ନ ସୃଷ୍ଟି କରି ଦର୍ଶକ ମନରେ ଉତ୍କଣ୍ଠା ସୃଷ୍ଟି କରିବାକୁ ଯତ୍ନଶୀଳ ହୋଇଥାନ୍ତି। ନାଟକର ଅନ୍ତିମ ପର୍ଯ୍ୟାୟରେ ନାଟ୍ୟକାର ଚରିତ ନାୟକଙ୍କୁ ପ୍ରତିକୂଳ ପରିବେଶର ସମସ୍ତ ଘାତ ପ୍ରତିଘାତ ସଂଘର୍ଷର ସନ୍ତୁଳନ ଭିତରୁ ଉତ୍ତୀର୍ଣ୍ଣ କରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାନ୍ତି। ଚରିତ ନାୟକ ଏକ ଜଣାଶୁଣା ବ୍ୟକ୍ତିତ୍ୱ ହୋଇଥିବା ହେତୁ ଚରିତ ନାଟକରେ ଉତ୍କଣ୍ଠା ବିଭାଗଟି ହୁଏତ ଦୁର୍ବଳ ହୋଇପାରେ; ମାତ୍ର ଦ୍ୱନ୍ଦର ଭୂମିକା ଏକାନ୍ତ ଅପରିହାର୍ଯ୍ୟ ହୋଇଥାଏ। ଚରିତ ନାୟକର ଔଜଲ୍ୟ ଓ ସ୍ୱାତନ୍ତ୍ର୍ୟ ପ୍ରକାଶନରେ ଦ୍ୱନ୍ଦ ସହାୟକ ହୋଇଥାଏ। ଚରିତ ନାଟକର ଦ୍ୱନ୍ଦ କେଉଁଠାରେ ବ୍ୟକ୍ତ , କେଉଁଠାରେ ଅବ୍ୟକ୍ତ କେଉଁଠାରେ ମନ୍ଥର ତ କେଉଁଠାରେ ପ୍ରଖର ରୂପ ନେଇ ଚରିତ ନାୟକର ବୈଶିଷ୍ଟ୍ୟ ନିରୂପଣରେ ସହାୟକ ହୋଇଥାଏ।

**୫-ଉତ୍କଣ୍ଠା(SUSPENCE):** ଉତ୍କଣ୍ଠା ରହିତ ନାଟକ କଦାପି ଉପଭୋଗ୍ୟ ହୋଇପାରେ ନାହିଁ। ଦର୍ଶକର ମାନସ ମୋହିବା, ତାର ଚିତ୍ତକୁ ଦୀର୍ଘସମୟ ଧରି ଅପ୍ୟାୟିତ କରିବା ପାଇଁ ହେଲେ ଏକ ଉତ୍କଣ୍ଠା ପ୍ରସ୍ତୁତକାରୀ ନାଟକ ଦରକାର। କାରଣ


© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଉତ୍କଣ୍ଠା ଦର୍ଶକ ମଧ୍ୟରେ ଆଗ୍ରହ ଏବଂ ଉତ୍ତେଜନା ସୃଷ୍ଟି କରିଥାଏ। ଯେଉଁ ନାଟକ ଯେତେ ପ୍ରଖର ବିସ୍ମୟ ଉତ୍ପାଦନ କରେ ସେ ନାଟକ ସେତିକି ସଫଳ। ସମାଲୋଚକ ରୋନାଲଡ୍ ପିକକଙ୍କ ମତରେ, "It is commonly held that conflict makes drama , but surprise and particularly tension are the truer symptoms"[୧୪] ଅର୍ଥାତ୍, ଦ୍ୱନ୍ଦ୍ୱ ଅପେକ୍ଷା ବିସ୍ମୟ ଏବଂ ଉତ୍ତେଜନା ନାଟକୀୟତା ନିମନ୍ତେ ଅଧିକ ଆବଶ୍ୟକ। ବିସ୍ମୟ ହିଁ ମଣିଷକୁ ସାହିତ୍ୟ ପ୍ରତି ଆକୃଷ୍ଟ କରେ। କାରଣ ଉତ୍କଣ୍ଠା ମଣିଷର ଯାଦୃଚ୍ଛିକ ମନକୁ କେନ୍ଦ୍ରିଭୂତ କରିବାରେ ସକ୍ଷମ ହୁଏ ଏବଂ ଦର୍ଶକ ନାଟକର ମାୟାମଞ୍ଚରେ ଧନ୍ଦି ହୋଇ ରସାନନ୍ଦ ଲାଭକରେ।

ଚରିତ ନାଟକରେ ଉତ୍କଣ୍ଠା ସୃଷ୍ଟି କରିବା ନାଟ୍ୟକାରଙ୍କ ପକ୍ଷରେ ଏକ ଆହ୍ୱାନ। କାରଣ ଚରିତ ନାଟକରେ ବର୍ଣ୍ଣିତ ବ୍ୟକ୍ତିର ଜୀବନ ଚରିତ ସହ ଦର୍ଶକ ଊଣା ଅଧିକେ ପରିଚିତ ଥାନ୍ତି। ଏକ ସାର୍ବଜନୀନ ଜୀବନ ଆଧାରିତ ନାଟକରେ ଉତ୍କଣ୍ଠା ସୃଷ୍ଟି କରିବା ନିଶ୍ଚିତ ଭାବରେ କଷ୍ଟସାଧ୍ୟ ବ୍ୟାପାର। ପୁଣି ଚରିତ ନାଟକ ଇତିହାସ ସହ ଜଡିତ ହୋଇଥିବାରୁ ସେଥିରେ ଲେଖକୀୟ କଳ୍ପନାର ପ୍ରବାହ ଖୁବ୍ ସଂଯମତାର ସହ କରିବାକୁ ହୁଏ। ଚରିତ ନାଟ୍ୟକାର ଉତ୍କଣ୍ଠା ସୃଷ୍ଟି କରିବା ପାଇଁ କିମ୍ବଦନ୍ତୀର ଅଲୌକୋକ ତଥା ଅତିକଳ୍ପନା ଉପରେ ଆଶ୍ରିତ ହୋଇଥାନ୍ତି। ପୁଣି, ଚରିତ୍ରର ଜୀବନ କାହାଣୀ ସମସ୍ତେ ଜାଣିଥିଲେ ମଧ୍ୟ ତାର ମଞ୍ଚ ରୂପାୟନ ଦେଖିବା  ପାଇଁ ସମସ୍ତେ ବ୍ୟଗ୍ରଥାନ୍ତି। ତେଣୁ ନାଟ୍ୟକାର ମଞ୍ଚର କଳାକୌଶଳ ପ୍ରୟୋଗ ମାଧ୍ୟମରେ ମଧ୍ୟ ଉତ୍କଣ୍ଠା ସୃଷ୍ଟି କରିଥାନ୍ତି।

ପୌରାଣିକ ନାଟକ ପରି  ଚରିତ ନାଟକଗୁଡିକ ଦର୍ଶକଙ୍କ ନିକଟରେ ଅତି ଜଣାଶୁଣା। ଜ୍ଞାତ ଚରିତ୍ରମାନଙ୍କୁ ନେଇ ଚରିତ ନାଟକ ଗଢି ଉଠୁଥିବାରୁ  ଏଥିରେ ନାଟ୍ୟୋତ୍କଣ୍ଠାର ଭାବ କ୍ଷୀଣ। ଏହି ଚରିତ୍ରମାନଙ୍କ ଜନ୍ମ, ଯୌବନ, କୃତି ଓ କୃତିତ୍ୱ ଭିତରେ ଯେଉଁ ବିଜୟ ଘୋଷିତ ହୋଇଥାଏ, ତାହା ଦର୍ଶକ ନିକଟରେ ଅତି ଜଣାଶୁଣା ହୋଇଥିବାରୁ ସାଧାରଣ ନାଟକ ଅପେକ୍ଷା ଚରିତ ନାଟକ ପ୍ରତି ଦର୍ଶକଙ୍କ ମନରେ ନାଟ୍ୟୋତ୍କଣ୍ଠା ସ୍ୱଳ୍ପଥାଏ। ତଥାପି ଦକ୍ଷ ନାଟ୍ୟକାରମାନେ ଚରିତ ନାଟକର ବିଷୟ ବିନ୍ୟାସକୁ ସ୍ଥଳ ବିଶେଷରେ ଘଟଣା ପ୍ରବାହ ମାଧ୍ୟମରେ ବୈଚିତ୍ର୍ୟମୟ କରିଥାନ୍ତି। ତଥ୍ୟବଳୀକୁ ନୂତନତାର ସ୍ପର୍ଶ ଦେଇ ଦ୍ୱନ୍ଦ୍ୱ ଓ ସଂଘର୍ଷର ଆବେଗମୟ ପରିବେଶ ଭିତରେ କଥାବସ୍ତୁକୁ ସେ ପରିଚାଳିତ କରି ଦର୍ଶକ ପ୍ରାଣରେ ଉତ୍କଣ୍ଠାର ଭାବ ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥାନ୍ତି। ଫଳରେ ଜଣାଶୁଣା ବିଷୟ ବିନ୍ୟାସ ମଧ୍ୟରେ ଦର୍ଶକ ଅଜଣାର ଭାବ ଉପଲବ୍ଧ କରିଥାଏ।[୧୬]

ରାମାୟଣ, ମହାଭାରତ ପରି ପୌରାଣିକ ଗ୍ରନ୍ଥ ତଥା ସେଥିରେ ବର୍ଣ୍ଣିତ କାହାଣୀ ସହ ସମସ୍ତ ପରିଚିତ ଥିଲେ ମଧ୍ୟ ତାର ପୁନରାବୃତ୍ତିରେ ଦର୍ଶକ  ବିରକ୍ତି  ପ୍ରକାଶ କରନ୍ତି ନାହିଁ। କାରଣ  ଉକ୍ତ ଗ୍ରନ୍ଥ ତଥା  ଗ୍ରନ୍ଥର  କାହାଣୀ, ଘଟଣା ପ୍ରତି ଦର୍ଶକଙ୍କର ଅହେତୁକ ମମତା ରହିଥାଏ। ଠିକ୍ ସେହିପରି ଚରିତ ନାଟକରେ ମଧ୍ୟ ଦର୍ଶକ ପୂର୍ବରୁ ବର୍ଣ୍ଣିତ ଲେଖକର କାହାଣୀ ଜାଣିଥିଲେ ସୁଦ୍ଧା ବିରକ୍ତ ପ୍ରକାଶ ହୁଅନ୍ତି ନାହିଁ । ବରଂ ଏ କ୍ଷେତ୍ରରେ ଗୋଟେ କୌତୁହଳ ତାଙ୍କୁ ମଞ୍ଚମୁହା କରିଥାଏ। ସେ କୌତୁହଳଟି ହେଉଛି ଚିର ପରିଚିତ ମଣିଷକୁ ସଶରୀରେ ଅନୁଭବ କରିବାର ସୌଭାଗ୍ୟ ଏବଂ କାହାଣୀରେ ଶୁଣି ଆସୁଥିବା ଘଟଣାବଳୀର ଦୃଶ୍ୟାୟନକୁ ଉପଭୋଗ କରିବାର ଉନ୍ମାଦନା।

**୬-ପରିବେଶ(Setting)** : ପ୍ରତିଟି ନାଟକ ସ୍ଥାନ-କାଳ-ପାତ୍ରର ଐକ୍ୟକୁ ନେଇ ଗଠିତ। ଏହି ତ୍ରୟୀ ପ୍ରତି ସଚେତନ ଥିବା ନାଟ୍ୟକାର  ନାଟକର ପରିବେଶ ନିର୍ଣ୍ଣୟରେ କୃତିତ୍ୱ ପ୍ରଦର୍ଶନ କରିଥାନ୍ତି । ନାଟକ ସଫଳ ହେବାର ମାପକାଠି ହେଉଛି ତାର  ମଞ୍ଚ ସାଫଲ୍ୟ। ଗ୍ରାମ୍ୟ ଜୀବନ ଓ ଗ୍ରାମ୍ୟ ଚରିତ୍ରକୁ ନାଟକରେ ଉପସ୍ଥାପନ କରିବା ସମୟରେ ଗାଁ'ର ପରିବେଶ, କୌଣସି ଆଦିବାସୀ ଚରିତ୍ର ତଥା ଆଦିବାସୀ ମଣିଷର କଥା କହିବା ସମୟରେ ଆରଣ୍ୟକ ପରିବେଶ ଅଥବା ସହରକୈନ୍ଦ୍ରିକ ବିଷୟକୁ ନେଲାବେଳେ ସହରୀ ପରିବେଶକୁ ଯଥାର୍ଥ ଭାବରେ ବର୍ଣ୍ଣନା କରାଯିବା ଉଚିତ। ପରିବେଶ ସୃଷ୍ଟି କରିବାରେ ସମାଜ ଓ ପ୍ରକୃତିର ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ପୁଣି ବର୍ଷା, ଗ୍ରୀଷ୍ମ, ବସନ୍ତ ଓ ଶୀତ ତଥା ସନ୍ଧ୍ୟା ସକାଳ,ରାତ୍ରି ପ୍ରଭୃତି ପ୍ରାକୃତିକ ଦୃଶ୍ୟରାଜିକୁ ଦୃଶ୍ୟଶୀଳ କରିବାର ଆବଶ୍ୟକତା ରହିଥାଏ। ବାତାବରଣର ଉଚିତ୍ ରୂପାୟନ ଦର୍ଶକକୁ ନାଟକର ଚରିତ୍ର ଜୀଉଁଥିବା କାଳଖଣ୍ଡକୁ ପହଞ୍ଚାଇବାରେ ସଫଳ ହୋଇଥାଏ। "ଯେ କୌଣସି ନାଟକ ରଚନା ପାଇଁ ସ୍ଥାନ-କାଳ-ପାତ୍ରର ସଂଯୋଗ ନିହାତି ଆବଶ୍ୟକ। ନାଟ୍ୟକାରର ବିଷୟ ବିନ୍ୟାସ ଓ କଳା ପ୍ରକରଣରେ କେତୋଟି ସାଧାରଣ ଘଟଣାକୁ ଦୃଷ୍ଟିଦେବା ଆବଶ୍ୟକ ହୋଇଥାଏ। ନାଟ୍ୟକାର ଯେଉଁ ସମୟର କାହାଣୀ ବର୍ଣ୍ଣନା କରୁଥାଏ ସେହି ସମୟୋଚିତ ସଂଳାପ, ପୋଷାକ ଓ ଅଭିରୁଚି ଚରିତ୍ର ମାନଙ୍କଠାରେ ଖଞ୍ଜିବା ଆବଶ୍ୟକ। ନାଟକରେ ବର୍ଣ୍ଣିତ ଘଟଣାର ସମୟ ସୀମା ଯେମିତି ବେଶୀ ଦୂର ନହୁଏ ଏଥିପ୍ରତି ଗୁରୁତ୍ୱ ଦେବାକୁ ହୋଇଥାଏ। ନାଟ୍ୟକାର ରାଜା ମୁହଁରେ ଯେପରି ଦୂତର ସଂଳାପ ନଦିଏ ସେଥିପ୍ରତି ସତର୍କ ହେବା ଦରକାର। ସଂଳାପ ପାତ୍ରୋଚିତ ଓ ପରିବେଶଗତ ହେବା ଆବଶ୍ୟକ। ନାଟକରେ ସ୍ଥାନ-କାଳ-ପାତ୍ରର ସୁ-ସମାବେଶ ହୋଇଥିଲେ ଏହାର ସୌନ୍ଦର୍ଯ୍ୟ ଫୁଟି ଉଠିଥାଏ।"[୧୭]

ଆଧୁନିକ ଓଡ଼ିଆ ନାଟକର ମଞ୍ଚ ପ୍ରତୀକାତ୍ମକ ମଞ୍ଚରେ ରୂପାନ୍ତରିତ ହୋଇଛି କିନ୍ତୁ ଚରିତ ନାଟ୍ୟକାର ଚରିତ ନାଟକର ମଞ୍ଚକୁ ପାରମ୍ପରିକ ନାଟକର ଦୃଶ୍ୟସଜ୍ଜା ପରି ମଞ୍ଚାୟନ କରିଥାନ୍ତି। ଚରିତ ନାୟକ ସହ  ସାଧାରଣ ମଣିଷର ଆସ୍ଥା ଓ ବିଶ୍ୱାସ ଜଡିତ ହୋଇଥିବାରୁ ଦର୍ଶକ ତହିଁରେ ତା ନାୟକର ପ୍ରକୃତ ରୂପକୁ ଦେଖିବାର ପ୍ରୟାସ କରିଥାଏ। ଚରିତ ନାଟକରେ ବାତବରଣର ଔଚିତ୍ୟ ରହିଲେ ଦର୍ଶକ ନାଟକ ସହ ନିବିଡ ଭାବରେ ଜଡିତ ହେବାର ସୁଯୋଗ ଲାଭ କରେ। ତେଣୁ ନାଟ୍ୟକାରମାନେ ଅନ୍ୟ ନାଟକ ତୁଳନାରେ ଚରିତ ନାଟକରେ ପରିବେଶ ପ୍ରତି ଖୁବ୍ ସଚେତନ ମନେ ହୁଅନ୍ତି। କେବଳ ମଞ୍ଚର ଦୃଶ୍ୟ ସଜ୍ଜାରେ ଚରିତନାୟକର ସମୟକୁ ଅଙ୍କନ କରିବାର ପ୍ରୟାସ କଲେ କିମ୍ବା ଚରିତ୍ରମାନଙ୍କ ପାରମ୍ପରିକ ବସ୍ତ୍ର ପରିଧାନ କରାଇଦେଲେ ଉଚିତ୍ ପରିବେଶ ସୃଷ୍ଟି ହୋଇଗଲା ବୋଲି କହିପାରିବା ନାହିଁ, ତା ସହିତ ଚରିତ୍ରଙ୍କ ସଂଳାପର  ଭାଷା, ବର୍ଣ୍ଣିତ କାଳଖଣ୍ଡର ଚାଲିଚଳଣି, ରୀତିନୀତି ପ୍ରତି ମଧ୍ୟ ଗୁରୁତ୍ୱାରୋପ କରିବା ନିହାତି ଆବଶ୍ୟକ। ଚରିତ ନାଟକରେ ନାଟ୍ୟକାର ଏହି ସବୁ ଦିଗକୁ ଦୃଷ୍ଟିରେ ରଖି ଆବଶ୍ୟକ ପରିବେଶ ସୃଷ୍ଟିକରି ଦର୍ଶକକୁ ମଞ୍ଚର ମାୟାରେ ବାନ୍ଧିବା ସହ ନାଟକକୁ ସାର୍ଥକତା ପ୍ରତିପାଦନ କରିଥାନ୍ତି।

**୭-ସଙ୍ଗୀତ(Music)** : ସଙ୍ଗୀତ ନାଟକର ଏକ ପ୍ରମୁଖ ଅଙ୍ଗ। ଯଦିଓ ଆଧୁନିକ ସମୟରେ ନାଟକର ପ୍ରୟୋଗ ବାଧ୍ୟତାମୂଳକ ନୁହେଁ କିନ୍ତୁ ପ୍ରାଚୀନ ନାଟକ ଥିଲା ନୃତ୍ୟ-ଗୀତ ସର୍ବସ୍ୱ ବା ନୃତ୍ୟ ଗୀତ ପ୍ରଧାନ। ବିଶେଷତଃ ଗୀତବନ୍ଧ ବା ଗୀତ ବୃତ୍ତରେ ହିଁ ପୃଥିବୀର ପ୍ରାଚୀନତମ ନାଟକ ପରିବେଷିତ ହୋଇଥିଲା। ନାଟ୍ୟତତ୍ତ୍ୱବିଦ୍ ଆରିଷ୍ଟୋଟଲ୍ 'ପୋଏଟିକ୍ସ' ପୁସ୍ତକରେ ନାଟକର ଯେଉଁ ୬ ଗୋଟି ଉପାଦାନ ବିଷୟ ପ୍ରକାଶ କରିଛନ୍ତି, ଗୀତ ତନ୍ମଧ୍ୟରୁ ଅନ୍ୟତମ ଉପାଦାନ। କାଳକ୍ରମେ ନାଟକ ଓ ଗୀତ - ଉଭୟର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଅନୁଭୂତ ହେବାରୁ ଗୀତକୁ ନାଟକରୁ ବିଚ୍ଛିନ୍ନ କରାଗଲା। ନାଟକ ହେଲା ଗଦ୍ୟ ସଂଳାପଯୁକ୍ତ। ଯେଉଁ ନାଟକରେ ଗୀତ ବା 'ମେଲସ୍' (Melos) ରହିଲା, ତାକୁ ସ୍ୱତନ୍ତ୍ର କରାଯାଇ ମେଲୋଡ୍ରାମା ତଥା ଅପେରା ଅଭିଧାନରେ ଚିହ୍ନିତ କରାଗଲା। ଗ୍ରୀକ୍ ନାଟକ ଥିଲା ସମବେତ କଣ୍ଠ ସଙ୍ଗୀତ ପ୍ରଧାନ ନାଟକ। ପରବର୍ତ୍ତୀ ସମୟରେ ଏହି ନାଟକୀୟ ସମବେତ ସଙ୍ଗୀତରୁ ନାଟକୀୟ ସଂଳାପର ସୃଷ୍ଟି। ତେଣୁ ନାଟକର ବିବର୍ତ୍ତନ-ଇତିହାସ ହେଉଛି ସମବେତ କଣ୍ଠ ସଙ୍ଗୀତ ସହିତ ନାଟକରେ ସଂଳାପର ପ୍ରାଧାନ୍ୟ ପ୍ରତିଷ୍ଠା ପାଇଁ ଚାଲିଥିବା ପ୍ରତିଯୋଗୀତାର ଇତିହାସ। ସଂଳାପର ପ୍ରାଧାନ୍ୟ ଓ ପ୍ରଭାବ ନାଟକରେ


© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ବଢିବା ସଙ୍ଗେ ସଙ୍ଗେ ନାଟକରୁ ସଙ୍ଗୀତ କ୍ରମଶଃ ବାଦ୍ ପଡିଯାଇଛି। ଆଧୁନିକ ନାଟକରେ ବିଶେଷ କରି ସ୍ୱାଧିନତା ପରବର୍ତ୍ତୀ ସମୟର ନାଟକରେ କଣ୍ଠ ସଙ୍ଗୀତ ପରିବେଷଣ ଏକପ୍ରକାର ନିଷିଦ୍ଧ ଘୋଷିତ ହୋଇଛି କହିଲେ ଚଳିବ।  କିନ୍ତୁ "ଗୀତ ଆଧୁନିକ ନାଟକଠାରୁ ସ୍ୱତନ୍ତ୍ର ହୋଇଛି ସତ୍ୟ ; କିନ୍ତୁ ଜନ୍ମ ସୁତ୍ରରୁ ଥିବା ଏ ଦୁହିଁଙ୍କର ନାଡିର ଯୋଗ ବୋଧହୁଏ ଛିନ୍ନ ହୋଇନାହିଁ। ତେଣୁ ଆଧୁନିକ ନାଟ୍ୟାଭିନୟରେ ପ୍ରତ୍ୟେକ୍ଷ୍ୟ ବା ପରୋକ୍ଷ ଭାବରେ ଗୀତର ପ୍ରୟୋଗ ଊଣାଧିକେ ହେଉଥିବାର ଦେଖାଯାଏ।"[୧୮]

ସାଧରଣତଃ ସାମାଜିକ ନାଟକ ତଥା ପ୍ରୟୋଗବାଦୀ ନାଟକରେ ସଙ୍ଗୀତକୁ ଅସ୍ୱୀକାର କରାଯାଇପାରେ। କିନ୍ତୁ ଚରିତ ନାଟକରୁ ସଙ୍ଗୀତକୁ ଦୂରେଇ ରଖାଯାଇ ପାରିବ ନାହିଁ। କାରଣ ଚରିତ ନାଟକରେ ବର୍ଣ୍ଣିତ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, କବିସୂର୍ଯ୍ୟ ବଳଦେବ ରଥ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର, ସାଲବେଗ, ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ ଦାସଙ୍କ ପରି କବିତ୍ୱର ଅଧିକାରୀ। ତେଣୁ ସେମାନଙ୍କ ଜୀବନରୁ ସଙ୍ଗୀତର ମୂର୍ଚ୍ଛନାକୁ ସ୍ୱତନ୍ତ୍ର କରାଯାଇ ନପାରେ। କବି, କବିତା ଓ କବିତ୍ୱର ପରାକାଷ୍ଠା ନେଇ ସେମାନେ ସମାଜରେ ପରିଚିତ। ତାଙ୍କ ଜୀବନ ହିଁ ସଙ୍ଗୀତମୟ। ତେଣୁ ସଙ୍ଗୀତମୟ ପ୍ରାଣକୁ ସଙ୍ଗୀତ ବିହୀନ ଭାବରେ ପରିପ୍ରକାଶ କରିବା ଅସମ୍ଭବ। ତେଣୁ କବି ଜୀବନ ଆଧାରିତ ଚରିତ ନାଟକରେ ସଙ୍ଗୀତର ଭୂମିକା ଅତୁଳନୀୟ।

ଚରିତ ନାଟକରେ ସଙ୍ଗୀତ ସଂଯୋଜନା ସମୟରେ ନାଟ୍ୟକାରଙ୍କୁ ବେଶୀ ଅସୁବିଧାର ସମ୍ମୁଖିନ ହେବାକୁ ପଡେ ନାହିଁ। ଯାହାର ଜୀବନୀର ପରିବେଷଣ ହେଉଥାଏ ସେହି କବିତ୍ୱର ଅଧିକାରୀ କବିଙ୍କ ରଚନାବଳୀରୁ ପରିବେଶକୁ ସୁହାଇଲା ପରି ଗୀତ ଉଦ୍ଧାର କରି ନାଟକରେ ପ୍ରୟୋଗ କରାଯାଇଥାଏ। ପୁଣି ଯେଉଁ କବିତାଗୁଡିକ ସମାଜରେ ଜନାଦୃତ ହୋଇପାରିଛି ସେହି କବିତା ରଚନା ପଛର କାହାଣୀ ଉପସ୍ଥାପନା କରିବା ନାଟ୍ୟକାରଙ୍କୁ ଏକ ଗୁରୁ ଦାୟିତ୍ୱ। ଫଳରେ ନାଟ୍ୟକାର ସଙ୍ଗୀତର ସୁସଂଯୋଜନ କରିଥାନ୍ତି।  "ସାଧାରଣ ଓଡ଼ିଆ ନାଟକ ଅପେକ୍ଷା ଓଡ଼ିଆ ଚରିତ ନାଟକ କ୍ଷେତ୍ରରେ ସଙ୍ଗୀତ ବିଭାଗଟି ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ, ବହୁ ଓଡିଆ ଚରିତ ନାଟକ କବି ଓ ଭକ୍ତଙ୍କ ବାସ୍ତବ ଜୀବନାନୁଭୂତିକୁ ନେଇ ଗତିଶୀଳ ହୋଇଥିବାରୁ ସେମାନଙ୍କର ଭାବପ୍ରବଣତା ଓ କାବ୍ୟିକ ଭାବାବେଗକୁ ତୀବ୍ର କରିବା ପାଇଁ ନାଟ୍ୟକାର ସଙ୍ଗୀତ ପ୍ରୟୋଗର ଉପାଦେୟତା ଉପଲବ୍ଧି କରିଥାନ୍ତି। କବିଙ୍କ ସ୍ୱରଚିତ କବିତାକୁ ନାଟକରେ ସ୍ଥାନଦେଇ ତାଙ୍କ କାବ୍ୟ ପ୍ରତିଭା ଓ କାବ୍ୟିକ ଜୀବନ ସହିତ ଦର୍ଶକଙ୍କୁ ଘନିଷ୍ଠ ଭାବରେ ପରିଚିତ କରାଇବାକୁ ନାଟ୍ୟକାର ଯତ୍ନବାନ ହୋଇଥାନ୍ତି। ସଙ୍ଗୀତ ଭିତରେ ନାଟ୍ୟକାର ଚରିତନାୟକଙ୍କ ଜୀବନ ଦର୍ଶନ, ଜୀବନ ଯନ୍ତ୍ରଣା,ଭକ୍ତିଭାବ ହତାଶା ଓ କରୁଣ ଭାବକୁ ସାମୟିକ ପରିସ୍ଫୁଟ କରିଥାନ୍ତି।  ଯାହା ବାଚିକ ସଂଳାପରେ ସମ୍ଭବ ହୋଇ ନଥାଏ। ଏହା ବ୍ୟତୀତ ନାଟ୍ୟନାୟକଙ୍କ ସମସାମୟିକ ପରିବେଶର
ଚିତ୍ରମଧ୍ୟ କେତେକ ସଙ୍ଗୀତରେ ସ୍ଥାନ ପାଇଥାଏ।"[୧୯]

କେବଳ କବି ଜୀବନ ସମ୍ବଳିତ ଚରିତ ନାଟକରେ ସଙ୍ଗୀତର ବାହୁଲ୍ୟ ବେଶୀ ନୁହଁ ବରଂ ପୁରୁଷୋତ୍ତମ ଦେବ, ମୁକୁନ୍ଦ ଦେବ, କପିଳେନ୍ଦ୍ର ଦେବ, ସମ୍ରାଟ ଅଶୋକଙ୍କ ପରି ରାଜାଙ୍କ ଜୀବନ ଆଧାରିତ ନାଟକରେ ସଙ୍ଗୀତର ପ୍ରାବଲ୍ୟ ଅନୁମେୟ। କାରଣ ଏହି ରାଜାମାନେ ସ୍ୱକୀୟ ସଂସ୍କୃତିର ବିଜୟ ଧ୍ୱଜଟାକୁ ସବା ଉପରେ ଧରିତୋଳି ଥିଲେ। ପୁଣି ତାଙ୍କର ମହିମାଗାନ ଯଶଗାନ ବା ସ୍ତୁତିଗାନ ତଥା ତାଙ୍କ ରାଜତ୍ୱରେ ଉତ୍କଳର ତଥା ଭାରତୀୟତାର ମହାଗାନ କରିବାକୁ ଯାଇ ମଧ୍ୟ ରଚିତ ଗୀତର ସଂଯୋଜନା ନାଟକମାନଙ୍କରେ ଦେଖିବାକୁ ମିଳିଥାଏ।

## ପ୍ରାନ୍ତଟୀକା


1. ଦାସ, ହେମନ୍ତ କୁମାର। *ସାହିତ୍ୟର ବର୍ଣ୍ଣବୋଧ।* Indian Book Distributors; ୧୯୯୭। ପୃ. ୧୨୧।
2. ତତ୍ରୈବ। ପୃ. ୨।
3. ଦାଶ (ମିଶ୍ର), ଭକ୍ତମଞ୍ଜରୀ; ମିଶ୍ର, ସଚ୍ଚିଦାନନ୍ଦ । *ଓଡ଼ିଆ ଚରିତ ନାଟକ* । ସଚ୍ଚିଦାନନ୍ଦ ମିଶ୍ର; ୨୦୧୫। ପୃ. ୪୮।
4. ତତ୍ରୈବ। ପୃ. ୪୯।
5. *ନବପତ୍ର - ଲୋକନାଟକ ବିଶେଷାଙ୍କ।* ନଭେମ୍ବର–ଡିସେମ୍ବର ୨୦୧୭।
6. ହରିଚନ୍ଦନ, ନୀଳାଦ୍ରି ଭୂଷଣ। *ଓଡ଼ିଆ ନାଟକରେ ଇତିହାସର ପଦଧ୍ୱନୀ।* ବିଦ୍ୟାପୁରୀ; ୧୯୮୨। ପୃ. ୨୮୧–୮୨।
7. ସାହୁ, ନାରାୟଣ। *ମଞ୍ଚ ଓ ନାଟକର କଳା କୌଶଳ।* ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା; ଦ୍ୱିତୀୟ ସଂସ୍କରଣ, ୨୦୧୫। ପୃ. ୩୫।
8. ମହାନ୍ତି, ଡ଼. ପୂର୍ଣ୍ଣଚନ୍ଦ୍ର। *ସାହିତ୍ୟର ସଂବିଧାନ।* Ward World; ତୃତୀୟ ସଂସ୍କରଣ, ୨୦୧୬। ପୃ. ୧୧୪।
9. ଦାଶ (ମିଶ୍ର), ଭକ୍ତମଞ୍ଜରୀ; ମିଶ୍ର, ସଚ୍ଚିଦାନନ୍ଦ। *ଓଡ଼ିଆ ଚରିତ ନାଟକ।* ୨୦୧୫। ପୃ. ୧୨୨।
10. ରଥ, ସନ୍ତୋଷ କୁମାର; ଠାକୁର, ସନାତନ। *ଅନ୍ୟଏକ ମାୟାଭୂମି।* ଜିଲ୍ଲା ଲେଖକ ପରିଷଦ, ବଲାଙ୍ଗୀର; ୨୦୦୮। ପୃ. ୨୧୦।
11. ଦାସ, ହେମନ୍ତ କୁମାର। *ଓଡ଼ିଆ ନାଟକର ରୂପ ବିଭବ।* Books & Books, ବିନୋଦବିହାରୀ, କଟକ-୨; ୧୯୮୧। ପୃ. ୧୮।
12. ଦାସ, ହେମନ୍ତ କୁମାର। *ଜୟଦେବ ଏକ ଅଧ୍ୟୟନ* । Books & Books, ବିନୋଦବିହାରୀ, କଟକ; ୧୯୮୦। ପୃ. ୨।
13. ଦାଶ (ମିଶ୍ର), ଭକ୍ତମଞ୍ଜରୀ; ମିଶ୍ର, ସଚ୍ଚିଦାନନ୍ଦ। *ଓଡ଼ିଆ ଚରିତ ନାଟକ।* ୨୦୧୫। ପୃ. ୧୪୯।
14. ଦାସ, ହେମନ୍ତ କୁମାର। *ଓଡ଼ିଆ ନାଟକର ବିକାଶଧାରା।* ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା; ୨୦୧୨। ପୃ. ୬୮।
15. The Art of Drama। ପୃ. 10।
16. ନାୟକ, ଲାବଣ୍ୟ। *ଓଡ଼ିଆ ଚରିତ ସାହିତ୍ୟ।* Friends Publishers, କଟକ; ୧୯୮୮। ପୃ. ୧।
17. ସ୍ୱାଇଁ, ଦିଲ୍ଲୀପ। *ସାହିତ୍ୟ ସ୍ରୋତ ନୂତନ ପ୍ରସ୍ଥ,* ସାଇ ଯମୁନା ପବ୍ଲିକେସନ୍, କଟକ; ୨୦୧୮। ପୃ. ୧୧୪।
18. ବେହେରା, କୃଷ୍ଣଚରଣ। *ପ୍ରସଙ୍ଗ - ନାଟକ ଓ ଏକାଙ୍କିକା।* ୧୯୯୭। ପୃ. ୩୬।
19. ଦାଶ (ମିଶ୍ର), ଭକ୍ତମଞ୍ଜରୀ; ମିଶ୍ର, ସଚ୍ଚିଦାନନ୍ଦ। *ଓଡ଼ିଆ ଚରିତ ନାଟକ।* ୨୦୧୫। ପୃ. ୪୮।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.


**About the author**




**ଅଧ୍ୟାପିକା ଲୋଚନ ଖଣ୍ଡେଇ :** ଭୁବନେଶ୍ୱରସ୍ଥିତ ଏକାମ୍ର ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଜଣେ ସୁଯୋଗ୍ୟ ଅଧ୍ୟାପିକା। ଶିକ୍ଷାଦାନ କ୍ଷେତ୍ରରେ ନିଜକୁ ନିୟୋଜିତ ରଖିବା ସହ ସେ UGC-NET-JRF ଯୋଗ୍ୟତା ହାସଲ କରି ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ନାଟ୍ୟ ସାହିତ୍ୟ' ବିଷୟକୁ ନେଇ ଗବେଷଣାରତ। ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ସହ ଓଡ଼ିଆ ନାଟ୍ୟ ପରମ୍ପରା ପ୍ରତି ତାଙ୍କର ବିଶେଷ ଅନୁରାଗ ଓ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ରହିଛି।




© 2025 ଲୋଚନ ଖଣ୍ଡେଇ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/